ସେଇ ଧାନବିଲ ପାଖରେ ବୁଲୁଥିବାବେଳେ ଗୋଟାଏ ଚିନ୍ତା ମନକୁ ଆସିଲା। ଭାବିଲି ମୋର ଏ ଦୁର୍ଦ୍ଦଶା କାହିଁକି? ଆମ ପରିବାର ଦିନେ ଏକ ଅତ୍ୟନ୍ତ ସ୍ୱଚ୍ଛଳ ପରିବାର ଥିଲା। ଆମର ଖଣ୍ଡାୟତ ବୈଷ୍ଣବ ପରିବାର। ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ଓଡ଼ିଶାର ବହୁ ଖଣ୍ଡାୟତ ଖଣ୍ଡା ଛାଡ଼ି ଗିନିକରତାଳ ଧରିଥିଲେ। ଆମ ପରିବାର ସେଇଥିରୁ ଗୋଟିଏ। ମୋର ବାପା, ଦାଦା ନିଜେ ହଳ କରୁ ନ ଥିଲେ। ଜମି ସବୁ ଭାଗରେ ଦେଇଦେଉଥିଲେ। ତା' ଉପରକୁ ବଢ଼ି ଓ ମରୁଡ଼ି। ଜଳସେଚନର ସୁବିଧା ନାହିଁ। ଖରାଦିନେ ମନ୍ଥେଇ ନଈ ପାଣି ଲୁଣିଆ ହୋଇଯାଏ। ତେଣୁ ସେମାନେ ଭଲ ଫସଲ ପାଆନ୍ତି ନାହିଁ କି ଦେଇପାରନ୍ତି ନାହିଁ। ଫଳରେ ଗୋଟିଏ ବୁନିଆଦି ପରିବାର ଧୀରେ ଧୀରେ ଦରିଦ୍ର ହୋଇଯାଏ। ମୁଁ ଶୁଣିଛି, ଆମର ଏକଦା ଷାଠିଏ ଏକର ଜମି ଥିଲା। ଦୋକାନ ବ୍ୟବସାୟ, ଡଙ୍ଗା, ଗୋରୁ ମଇଁଷି, ଆମ୍ବତୋଟା ଓ କେତେ କ'ଣ ଥିଲା। ମାତ୍ର ସେସବୁ ଭାଗ ଭାଗ ହୋଇ ବାପାଙ୍କ ଭାଗରେ ପଡ଼ିଲା ମାତ୍ର ପାଞ୍ଚ ଏକର ଜମି ଓ କିଛି କଳାଡିହ। ବିରାଟ ଯୌଥ ପରିବାରଟି ଭିନେ ହୋଇଯିବା ଫଳରେ ସଂପତ୍ତିବାଡ଼ି ତ ଛୋଟ ଛୋଟ ହୋଇଗଲା, ମାନସିକ ଆଘାତ ବି ମିଳିଲା ବେଶ୍। ଯୌଥ ପରିବାରଟିଏ ଭାଙ୍ଗିରୁଜି ଗଲେ ସାନ ସାନ ପିଲାଏ କି ପ୍ରକାର କଷ୍ଟ ପାଆନ୍ତି ସେ କଥା ମୁଁ ବହୁବାର 'ଜୀବନର ଜଳଛବି'ରେ ଲେଖିଛି। ଥାଉ, ମୁଁ ତଳବନ୍ଧର ଚାଷବିଲକୁ ଫେରେ। ସେଇଠି ବୁଲିବାବେଳେ ଥରେ ଭାବିଲି, ଏ ଅଞ୍ଚଳର ଚାଷୀମାନେ ଏତେ ଗରିବ କାହିଁକି! ଗୋଟିଏ କାରଣ ଥିଲା, ଚାଷୀମାନେ ଚାଷରୁ ଲାଭ ପାଉ ନ ଥିଲେ। ସାର ବ୍ୟବହାର ପାଇଁ ସେମାନଙ୍କର ଖୁବ୍ କୁଣ୍ଠା ଥିଲା। ଲୋକମାନେ କଥା ହେଉଥିଲେ ଯେ ଜମିରେ ସାର ବ୍ୟବହାର ହେଲେ ବର୍ଷୁଟିଏ ସିନା ଭଲ ଫଳିବ, ମାତ୍ର ତା' ପରେ ମାଟି ସବୁ ଖପରା ହୋଇଯିବ। ଏଇ କଥାଟି ମୋ ମନରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଏହି ପ୍ରତିକ୍ରିୟା ସାଙ୍ଗରେ ଆଉ ଗୋଟିଏ ଘଟଣାର ସଂଯୋଗ ହେଲା। ଘଟପୁର ହାଇସ୍କୁଲ୍ ପାଖାପାଖି ସେ ଗାଁର ସମବାୟ ସମିତି। ସେଇଠି ଜଣେ ଯୁବକ ଥାଆନ୍ତି ସଂପାଦକ ଦାୟିତ୍ୱରେ। ତାଙ୍କ ପାଖକୁ ଓଡ଼ିଶା ସମବାୟ ସମିତି ଦ୍ୱାରା ପ୍ରକାଶିତ 'କଲ୍ୟାଣୀ' ପତ୍ରିକା ଖଣ୍ଡେ ଆସୁଥାଏ। ପତ୍ରିକାଟି ତ୍ରୈମାସିକ। ସେଇ ପତ୍ରିକାରେ ଚାଷୀଙ୍କ ସମସ୍ୟା ଆଲୋଚିତ ହେଉଥାଏ। ଘରଠାରୁ ଦୂରରେ ରହିବା ଯୋଗୁଁ ମୋର ବେଶୀ ସାଙ୍ଗସାଥୀ ନ ଥାନ୍ତି। ଯେତେବେଳେ ସକାଳ ବା ସଞ୍ଜରେ ଖେଳାବୁଲା କରିବା କଥା, ସେତେବେଳେ ମୁଁ ସାନ ସାନ ପିଲାଙ୍କୁ ବସେଇ ଦୁଇ କେ ଦୁଇ, ଦୁଇ ଦୁଣେ ଚାରି ପଢ଼ଉଥାଏ। ମୋର ନିଃସଙ୍ଗ ଜୀବନରେ କେବଳ ସାଥୀ- ମୋ ହୀନମନ୍ୟତା ଏବଂ ମୋର ଦୁଃଖ। ସେତିକିବେଳେ ଖବର ପାଇଲି, ବାପା ଆମର ପାଞ୍ଚ ଏକର ଜମି ଭିତରୁ ପୁଣି କାହାକୁ ଦେଢ଼ ଏକର ବିକ୍ରି କବଲା କରିଦେଇଛନ୍ତି। ମୁଁ ସିନା ଘଟପୁରରେ ଦିନରେ ତିନି ଓଳି ଖାଇ ରହିଯାଉଛି, ସେମାନେ ଷଣ୍ଢଗଡ଼ାରେ ସେତକ ମଧ୍ୟ ଯୋଗାଡ଼ କରିପାରୁନାହାନ୍ତି। ତେଣୁ ଖଣ୍ଡିଏ ଖଣ୍ଡିଏ କରି ଜମି ସବୁ ବିକି ଦେଉଥିଲେ।

ଏହିଭଳି ପୃଷ୍ଠଭୂମିରେ ୧୯୬୫ରେ ମୁଁ ଲେଖିଥିଲି ପ୍ରଥମ ଗଳ୍ପ 'କ୍ଷୀଣାଲୋକ'। ସେ ଗପଟିକୁ ମୁଁ ଭୁବନେଶ୍ୱର ଠିକଣାରେ 'କଲ୍ୟାଣୀ' ପତ୍ରିକାକୁ ପଠେଇ ଦେଇଥିଲି। ସେତେବେଳେ ଶ୍ରୀ ଦଶରଥ ସାମଲଙ୍କ ସଂପାଦନାରେ 'କଲ୍ୟାଣୀ' ପତ୍ରିକାଟି ତିନି ମାସରେ ଥରେ ବାହାରୁଥାଏ। ମାତ୍ର ମୁଁ ଗପଟି ଡାକରେ ପଠେଇବା ପରଦିନଠାରୁ ଯାଇ ସେ ଅଫିସ୍‌ରେ ମୁହଁମାରିଦେଇ ଆସୁଥାଏ। ଖରାବେଳେ, ଯେତେବେଳେ ସେଇ ଅଫିସ୍‌କୁ ଚିଠିପତ୍ର ଆସେ ସେଇ ସମୟକୁ ମୁଁ ବଗପରି ଚାହିଁ ବସିଥାଏ। ଯୁବକ ସଂପାଦକ ଜଣକ ମୋର ଏ ପ୍ରକାର ଆନୁଗତ୍ୟ ଦେଖି ଖୁସି ହେଉଥିଲେ। ମଝିରେ ଗୋଟେ ଯୋଡ଼ିଏ କାମ କରିବାକୁ ବରାଦ କରୁଥିଲେ। ମୁଁ ତାଙ୍କ କଥା ସେଇ ପର୍ଯ୍ୟନ୍ତ ମାନୁଥିଲି, ଯେଉଁ ପର୍ଯ୍ୟନ୍ତ ପୋଷ୍ଟମ୍ୟାନ୍ ଆସିନାହାନ୍ତି। ତା'ପରେ ମୁଁ ମୋର ସ୍କୁଲ୍‌କୁ ଫେରି ଆସୁଥିଲି। ହଁ, ମୁଁ 'କଲ୍ୟାଣୀ'କୁ ଗପଟିଏ ପଠାଇଥିବା କଥା କାହାକୁ କହି ନ ଥାଏ। ବାହାରିଲେ ପ୍ରଶଂସା ମିଳିବ, ନ ବାହାରିଲେ ମୁଁ ନିରବ ରହିଯିବି। ଏମିତି ଦିନେ ମୁଁ ସମବାୟ ସମିତି ଅଫିସ୍ ଘରେ ବସିଛି। ସେ ସଂପାଦକ ମହାଶୟ ବାହାରକୁ ଯାଇଥାନ୍ତି। ପୋଷ୍ଟମ୍ୟାନ୍ ଆଣି କେତୋଟି ଚିଠି ଏବଂ ଖଣ୍ଡିଏ ଗପବହି ଦେଇଗଲେ। ମୁଁ ଦେଖୁଦେଖୁ ଜାଣିଗଲି ଏଇଟି 'କଲ୍ୟାଣୀ'। ସାଂଗେ ସାଂଗେ ଦୁଇଭାଗ ହୋଇଥିବା ପତ୍ରିକାଟିକୁ ତା'ର କାଗଜଗୁଡ଼ା ଅବସ୍ଥାରୁ ମୁକ୍ତକରି ମୁଁ ସୂଚିପତ୍ରଟା ଅଣ୍ଡାଳିଗଲି। ମୋର ମନେଅଛି, ପତ୍ରିକାଟିର ମଲାଟ ରଙ୍ଗ ଥାଏ ଗୋଲାପୀ। ସେଇ ପତ୍ରିକାରେ ପ୍ରକାଶ ପାଇଥାଏ ମୋର ପ୍ରଥମ ଗଳ୍ପ 'କ୍ଷୀଣାଲୋକ'। ତା' ପରର ଅବସ୍ଥା ଯାହା ମୁଁ ଭାଷାରେ ପ୍ରକାଶ କରିପାରିବି ନାହିଁ। ଶବ୍ଦ ଏଭଳି ଭାବ ପ୍ରକାଶ ଦିଗରେ ସର୍ବଦା ଅସମର୍ଥ। ପତ୍ରିକାଟିର ଅସଲ ପ୍ରାପକ ଆସିବା ଆଗରୁ ମୁଁ ଚିଲ ମାଛକୁ ଝାମ୍ପିଲା ପରି ସେଇ ପତ୍ରିକାକୁ ଧରି ସ୍କୁଲ୍‌କୁ ଦଉଡ଼ିଲି, ଆଗେ ଏ କଥାଟା ସାଙ୍ଗ ମହଲରେ ପ୍ରଚାରିତ ହେବା ଦରକାର। ହେଡ୍‌ମାଷ୍ଟରଙ୍କଠାରୁ ଆରମ୍ଭ କରି ସବୁ ଶିକ୍ଷକ ଓ ଛାତ୍ରଛାତ୍ରୀ ମୋର 'ପ୍ରତିଭା' ସଂପର୍କ ପରିଚିତ ହୋଇଯିବା ଜରୁରି।

ଘଟପୁର ହାଇସ୍କୁଲ୍‌ଟି ଛୋଟ। ସେଠାରେ ଲାଇବ୍ରେରି କି ପତ୍ରପତ୍ରିକା ସୁବିଧା ନ ଥାଏ। ରେଡିଓ-ଟେଲିଭିଜନ୍ ତ ସେତେବେଳକୁ ସାତସ୍ୱପ୍ନ। ସେଠାରେ ଏଗାର ଜଣ ପିଲା ଆମେ ମାଟ୍ରିକ୍ ପରୀକ୍ଷା ଦେଇଥିଲୁ, ତାଙ୍କ ଭିତରୁ ମୁଁ ଏକାକୀ ପାସ୍ କରିଥିଲି। ଏଇଥିରୁ ଆମ ସ୍କୁଲ୍‌ର ଦୁର୍ଦ୍ଦଶା

ଅନୁମେୟ। ସେ ସ୍କୁଲ୍‌ରେ ଛାତ୍ରଛାତ୍ରୀ ତ ଦୂରର କଥା, କୌଣସି ଶିକ୍ଷକଙ୍କର ସୁଦ୍ଧା କିଛି ଲେଖାଲେଖି କେବେ ପତ୍ରିକାରେ ପ୍ରକାଶ ପାଇ ନ ଥାଏ। ଏଭଳି ପରିସ୍ଥିତିରେ ଦଶମ ଶ୍ରେଣୀ ଛାତ୍ରଟିଏର ଗପ ପ୍ରକାଶ ପାଇବା ଏକ ବିରଳ ଘଟଣା। ଖବରଟା ବିଜୁଳି ପରି ଚାରିଆଡ଼େ ଖେଳିଗଲା।

ତା'ପରେ ଆସିଲା ଅସଲ ସମସ୍ୟା। ଘଟପୁର ହାଇସ୍କୁଲ୍‌ର କୌଣସି ଛାତ୍ରଛାତ୍ରୀ ବିଶ୍ୱାସ କଲେ ନାହିଁ ଯେ ସେଇ ଗପଟାର ଲେଖକ ତାଙ୍କରି ସହପାଠୀ। 'ନିର୍ଭୟ' ସଂପାଦକ ତାଙ୍କ ପତ୍ରିକାରେ ଖାଲି ମୋ ନାଁଟି ମାତ୍ର ରଖିଥିଲେ। ମୁଁ ଗୋଲ ଗୋଲ ଅକ୍ଷରରେ ଗପଟାର ତଳେ ଲେଖିଥିଲି 'ଦଶମ ଶ୍ରେଣୀ ଛାତ୍ର, ଘଟପୁର ହାଇସ୍କୁଲ୍, ଭାୟା: ପୀରହାଟ ବଜାର, ଜିଲ୍ଲା: ବାଲେଶ୍ୱର (ସେତେବେଳକୁ ବାଲେଶ୍ୱର ବିଭକ୍ତ ହୋଇ ଆମ ଜିଲ୍ଲା 'ଭଦ୍ରକ' ହୋଇ ନ ଥିଲା)। ମାତ୍ର ସେ ପରିଚିତିଟାକୁ ତାଙ୍କ କଲମଗାରରେ ସଂପାଦକ କାଟି ଦେଇଥାଆନ୍ତି। ବର୍ତ୍ତମାନ ଗୁରୁତର ପରିଚୟ ସଙ୍କଟ ଭିତରେ ମୁଁ। କ'ଣ କରିବି? ସେ ରାତିଟା ଅନିଦ୍ରା ହୋଇ ମୁଁ ପୁରୁଣା ପାଣ୍ଡୁଲିପି ('ପାଣ୍ଡୁଲିପି' ଶବ୍ଦଟା ମୁଁ ବହୁତ ପରେ ଜାଣିଲି) ଖୋଜିଲି। ରଫ୍‌ଖାତାରେ ଗପଟାର ପ୍ରଥମ ନକଲ ଲେଖିରଖିଥିଲି। ସେଇଆକୁ ନେଇ ପରଦିନ ସକାଳେ ମୋର ସାଙ୍ଗମାନଙ୍କୁ ଦେଖାଇଲି। ମାତ୍ର ସାଙ୍ଗମାନେ ଖୁବ୍ 'ବୁଦ୍ଧିମାନ'। ଗପଟାକୁ ମୁଁ ଲେଖିଛି ବୋଲି ତ ବିଶ୍ୱାସ କଲେ ନାହିଁ, ଓଲଟି ମନ୍ତବ୍ୟ ଦେଲେ ଯେ ମୁଁ ସାରାରାତି ଅନିଦ୍ରା ରହି, ପୁରୁଣା ମଳିଛିଆ କାଗଜ ଖୋଜି, 'କଲ୍ୟାଣୀ' ପତ୍ରିକାରୁ 'କ୍ଷୀଣାଲୋକ' ଗପଟା ସେଥିରେ ଉତାରି ଦେଇଛି। ଏ ଗପର ଲେଖକ ନାଁ ସାଙ୍ଗେ ମୋ ନାଁର ସାଦୃଶ୍ୟରୁ ଲାଭ ଉଠଉଚି ମୁଁ। କି ଲଜ୍ଜା! ସେତେବେଳେ 'କଲ୍ୟାଣୀ' ପତ୍ରିକାର ସଂପାଦକଙ୍କ ଉପରେ ଯେତିକି ରାଗ ଆସୁଥାଏ, ନିଜ ଉପରେ ସେତିକି ଦୟା। ଭାବିଲି ଏତେ ଅପମାନ ସହିବା ଅପେକ୍ଷା ଆତ୍ମହତ୍ୟା କରିଦେବା ଭଲ। ସେତେବେଳେ ଆତ୍ମହତ୍ୟାର ଦିଇଟି ଉପାୟ ମୋ ପାଖରେ ଥାଏ। ଗୋଟିଏ ଘଟପୁର ହାଇସ୍କୁଲ୍ ପଛପଟ ବିରାଟ ପୋଖରୀ ଓ ଦ୍ୱିତୀୟଟି ଖେରଙ୍ଗ ଛକ ପାଖ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଯା'-ଆସ କରୁଥିବା ଦ୍ରୁତଗାମୀ ଟ୍ରକ୍‌ର ଚକ!

ସକାଳ ଗଡ଼ି ଦିନ ଦଶଟା ବାଜିଲା। କ୍ଲାସ୍ ଆରମ୍ଭ ହେଲା। ସେତେବେଳେ ଆମକୁ ସାହିତ୍ୟ ପଢ଼ଉଥାନ୍ତି ଶ୍ରୀ ନିତ୍ୟାନନ୍ଦ ବଳ। ଉଭୟ ଦଶମ ଓ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀ ଗୋଟିଏ କୋଠରିରେ ବସିଲେ। ଗପଟା ପଢ଼ାଯିବ ଓ ସାର୍ ଶୁଣିବେ। ତା'ପରେ ସେ ତାଙ୍କର ରାୟ ଦେବେ। ମୋର ଗପ ବାହାରିଥିବା ଖୁସିରେ ସେଇ ଅନୌପଚାରିକ ବୈଠକ ଆୟୋଜିତ ହୋଇ ନ ଥାଏ ବରଂ ଆଉ ଜଣକର ଲେଖାକୁ ନିଜର ବୋଲି ଦାବି କରିଥିବା ଅପରାଧର ବିଚାର ପାଇଁ ଆୟୋଜିତ ହୋଇଥାଏ ସେଇ ବୈଠକ। ମୁଁ ତ ଲଜ୍ଜା ଓ ଅପମାନରେ ଥରୁଥାଏ। ସାର୍‌ଙ୍କ ପାଖକୁ ଯାଇ ଗପଟି ପଢ଼ିବାର ମାନସିକତା ନ ଥାଏ ମୋର। ଆଉ ଜଣେ ଗପଟି ପଢ଼ିଲେ। ଗପ ପଢ଼ା ସରିଲା। ଆଗ ବେଞ୍ଚରେ କେତେଜଣ ଝିଅ ବସିଥାନ୍ତି। ମୋ ଲଜ୍ଜା ବୃଦ୍ଧିର ସିଏ ଆଉ ଏକ କାରଣ। ମୁଁ ସାର୍‌ଙ୍କ ମୁହଁକୁ କଣେଇ କଣେଇ ଅନେଇଥାଏ। ଗପ ପଢ଼ା ସରିଲା। ନିତ୍ୟାନନ୍ଦ ସାର୍ ରାୟ ଦେଲେ- ଏ ଗପର ଲେଖକ ଗୌରହରି ଦାସ ଆମ ସ୍କୁଲ୍‌ର ଛାତ୍ର। ତାଙ୍କ ଭିନ୍ନ ଆଉ କେହି ଏ ଗପର ଲେଖକ ହୋଇ ନ ପାରନ୍ତି।

କୋଠରିଯାକର ପିଲାଙ୍କ ମୁହଁ ଚୁପ୍। ସାର୍ ଚାଲିଗଲେ। ତା'ପରେ ସାଙ୍ଗମାନଙ୍କ ଭିତରୁ କେତେଜଣ ଆସି ମୋତେ ଆଲିଙ୍ଗନ କଲେ। ଝିଅମାନେ ମୁରୁକି ମୁରୁକି ହସୁଥାଆନ୍ତି। ମୋର କିନ୍ତୁ ପ୍ରବଳ ରାଗ। ଆଖିରୁ ଲୁହ ଗଡ଼ି ପଡୁଥାଏ। ଯେଉଁ ସାଙ୍ଗମାନେ ମୋତେ ବେଶୀ ଚିଡ଼ଉଥିଲେ ସେଇମାନଙ୍କୁ ମୁଁ କହିଲି, 'ହଉ ଦେଖିବ, ଏମିତି ଦିନ ଆସିବ, ଯେଉଁଦିନ ଆଉ କୋଉ ଗୌରହରି ଦାସ ଲେଖିଥିଲେ ବି ତୁମେମାନେ ଭାବିବ ଏଇ ଗୌରହରି ଦାସ ଲେଖିଛି। ସେଇ ହେବ ତୁମମାନଙ୍କୁ ମୋର ଜବାବ।'

ଏଇ ଥିଲା ମୋର ପ୍ରଥମ ଗପ ପ୍ରକାଶ ପାଇବା ପରର ଘଟଣା- ମୋର ପୁଲକ ଏବଂ ମୋର ଯନ୍ତ୍ରଣା। ଗପଟିରେ ମୁଁ ଜଣେ ଚାଷୀଙ୍କର କଥା ଲେଖିଥିଲି, ଯିଏ ଗାଁଲୋକଙ୍କ ମତମନ୍ତବ୍ୟକୁ ଭ୍ରୂକ୍ଷେପ ନ କରି ନିଜ ଜମିରେ ସାର ବ୍ୟବହାର କରିବା ଯୋଗୁଁ ଭଲ ଫସଲ ପାଇଥିଲେ ଏବଂ ନିଜ ପୁଅର ପାଠପଢ଼ା ସାଙ୍ଗକୁ ଝିଅର ବାହାଘର ଦାୟିତ୍ୱ ତୁଲେଇ ପାରିଥିଲେ। ଦୁର୍ଭାଗ୍ୟକୁ ସେ ଗପଟା ଏବେ ମୋ ପାଖରେ ନାହିଁ। ଆମ ନିଜ ପରିବାରର ସମସ୍ୟା ସାଙ୍ଗକୁ 'କଲ୍ୟାଣୀ' ପତ୍ରିକାରେ ଅନୁରୂପ ଗପ ପ୍ରକାଶ ପାଇବାର ସମ୍ଭାବନା ମୋତେ ସେଇ ଗପଟି ଲେଖିବାକୁ ପ୍ରେରଣା ଦେଇଥିଲା।

ଏହା ଭିତରେ ପଇଁଚାଳିଶ ବର୍ଷ ବିତିଗଲାଣି। ପାଖାପାଖି ଷାଠିଏ ଖଣ୍ଡ ବହି ମୋର ପ୍ରକାଶ ପାଇସାରିଲାଣି। ଶହ ଶହ ବାର ନିଜ ନାଆଁକୁ ଛପା ଅକ୍ଷରରେ ଦେଖିବାର ସୁଯୋଗ ଜୁଟିଲାଣି। କିନ୍ତୁ 'କ୍ଷୀଣାଲୋକ' ଗପ ପ୍ରକାଶ ସମୟର ସେ ରୋମାଞ୍ଚ ଆଉ ଦ୍ୱିତୀୟ ଥର ହୋଇନାହିଁ।

'ଅନୁଭବ'
୩୭୮ ବରମୁଣ୍ଡା ଗାଁ
ଭୁବନେଶ୍ୱର- ୭୫୧୦୦୩
gourahari60@gmail.com



**Gourahari Das** is a creative writer, journalist and an academician. A recipient of Sahitya Akademi Award, he is editor and columnist also. His first book "Juara Bhatta" which is a collection of short stories, was published in 1981 when he was still pursuing his studies in Ravenshaw Evening College. Besides writing fictions he also writes regular columns in newspaper SAMBAD which are very popular. He is associated with a number of socio-cultural organizations of Odisha which work for betterment of human life and building better society. He is the President of Shatabdira Kalakar, a leading Theatre Group of Odisha and Advisor of Trishakti Mahila Samiti, a prominent Women's organization of Odisha.



# ରୂପାନ୍ତର

ଜ୍ୟୋତି ନନ୍ଦ

ସବୁଥିରୁ ମୁକୁଳିଯିବାର ଚୂଡ଼ାନ୍ତ ରୂପ ବାରୁଣାବନ୍ତ, ଏହି କଥା ସନ୍ଦୀପନ କ୍ରମଶଃ ଭାବିବାକୁ ଆରମ୍ଭ କରିଛି। ବାରୁଣାବନ୍ତରେ ପହଞ୍ଚିଗଲା ପରେ ସେ ଅନୁଭବ କରୁଛି ଯେ ସେ ଯେମିତି ଏକ ଶୀର୍ଷବିନ୍ଦୁରେ ପହଞ୍ଚିଯାଇଛି। ଏହାପରେ ସମସ୍ତ ଚରିତ୍ର, ଘଟଣା ସବୁ ଯେମିତି କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ ଯାଉଛନ୍ତି। କେବଳ ନିଜକୁ ନିଜେ ଆଉଁଶିବା ଛଡ଼ା ସନ୍ଦୀପନର ଆଉ ଯେମିତି ବର୍ତ୍ତମାନ ଆଉ କୌଣସି କାର୍ଯ୍ୟ ନାହିଁ। ଚାରିପଟରେ ଯେମିତି ପ୍ରସ୍ତାରିତ ଦିଗ୍‌ବଳୟ, ସବୁଜିମା, ଅନନ୍ତ ଶୂନ୍ୟତା।

ଏହିଠାରୁ ହାତଗୋଡ଼ ଛାଟି ଯେମିତି ପହଁରିଯାଇ ହେବ ଶୂନ୍ୟତାର ନୀଳିମାରେ।

ଏହିଠାରୁ ଯେମିତି କୌଣସି ଏକ ନାମହୀନ ପକ୍ଷୀ ହୋଇ ଉଡ଼ିଯିବାର ପର୍ବ ଆରମ୍ଭ ହେବ ସନ୍ଦୀପନର। ତାହାର ଦୁଇପଟେ ଗଜୁରି ଉଠିବ ଦୁଇଟି ଡେଣା। ଅନାୟାସରେ କଣ୍ଠରୁ ତା'ର ଝରିଆସିବ ଏକ ମଧୁର କାକଳି। ସେହି କାକଳି ଯେମିତି ଅନୁରଣିତ କରିବ ସମଗ୍ର ପରିବେଶ।

ସେହି କାକଳିରୁ କୌଣସି ଅର୍ଥ ଆଉ କେହି ଜଣେ ହେଲେ ଖୋଜିବେ ନାହିଁ ତାହା ପରେ। ସନ୍ଦୀପନ ସବୁବେଳେ ସବୁଥିରୁ ଅର୍ଥ ହିଁ କେବଳ ଖୋଜି ଆସିଛି। ଅନ୍ୟ ସମସ୍ତେ ସବୁବେଳେ ସନ୍ଦୀପନ ଭିତରୁ କେବଳ ଅର୍ଥ ହିଁ ଦେଖି ଆସିଛନ୍ତି।

ବାରୁଣାବନ୍ତର ଏହି ଶୀର୍ଷବିନ୍ଦୁରେ ଯେମିତି ଅର୍ଥ ଖୋଜିବାର ସମସ୍ତ ଅପଚେଷ୍ଟାରୁ ମୁକ୍ତି।

ପରବର୍ତ୍ତୀ ପର୍ଯ୍ୟାୟରେ ସନ୍ଦୀପନ ପକ୍ଷୀଟିଏ ହୋଇ କେଉଁ ଅଜଣା ଆକାଶକୁ ଉଡ଼ିଯାଇପାରେ ବା କୌଣସି ପାହାଡ଼ ମୁଣ୍ଡିଆରୁ ଏକ ଖାତ ଭିତରକୁ ଖସିପଡ଼ି ନିଶ୍ଚିହ୍ନ ହୋଇଯାଇପାରେ। ସେହି କଥା ଏଠାରେ ଉଠୁ ନାହିଁ।

ସନ୍ଦୀପନ କେବଳ ନିର୍ନିମେଷ ନୟନରେ ଚାହିଁ ରହିଛି ବାରୁଣାବନ୍ତରେ। କୌଣସି ଘଟଣାକୁ ତା'ର ଅପେକ୍ଷା ନାହିଁ। କୌଣସି ପରିଣତି ପ୍ରତି ତା'ର ଭ୍ରୂକ୍ଷେପ ନାହିଁ।

ବର୍ତ୍ତମାନ ସନ୍ଦୀପନ ଏକନିଷ୍ଠ ଭାବରେ ଚାହିଁ ରହିବ ପ୍ରଫୁଲ୍ଲକୁ। କେବଳ ପ୍ରଫୁଲ୍ଲକୁ। ସଂସାରରେ ଥିଲାବେଳେ ପ୍ରଫୁଲ୍ଲକୁ ସେହିପରି ଚାହିଁ ରହିବାର ସୁଯୋଗ ନଥିଲା ସନ୍ଦୀପନର। ସେତେବେଳେ ପ୍ରଫୁଲ୍ଲକୁ ମାତ୍ର କିଛି ଅଳ୍ପ ସମୟ ପାଇଁ ସେ

ଯାହା ଚାହିଁ ପାରିଥିଲା। ତାହାପରେ ସେ ଛାଟିପିଟି ହୋଇ ପଳାଇ ଯାଉଥିଲା ଘରକୁ। ପତ୍ନୀର ଆଲିଙ୍ଗନକୁ। ପୁଅର ବିଲ୍‌ଡିଂ ବ୍ଲକ୍‌ର ବିଭିନ୍ନ ଡିଜାଇନ୍‌ମାନଙ୍କୁ। ଅଫିସ୍‌ରେ ଥିବା ଫାଇଲ୍‌ର ସ୍ତୂପ ଭିତରକୁ।

ଫୁଲ୍ ସ୍ପିଡ୍‌ରେ ଘୂରୁଥିବା ସିଲିଂ ଫ୍ୟାନ୍‌ରେ ସେ ତଥାପି ଝାଳ ପୋଛୁଥିଲା। ଢକ ଢକ କରି ପାଣି ଗ୍ଲାସେ ପିଇସାରିବା ପରେ ଆଖି ଦୁଇଟି ମୁଦି ହୋଇ ଆସିବା ପୂର୍ବରୁ ବେଶ୍ ସନ୍ତୋଷର ସହ ସେ କହୁଥିଲା- ଆଃ।

ସଂସାରରେ ଥିଲାବେଳେ ସନ୍ଦୀପନର ଅନେକ ଆଶ୍ୱସ୍ତି ରହିଥିଲା। ପ୍ରଫୁଲ୍ଲ ସେଥି ଭିତରୁ ଆଶ୍ୱସ୍ତି। ସଂସାରରେ ପ୍ରଫୁଲ୍ଲ ଭଳି କେତେ ଜଣଙ୍କୁ କିଛି ସମୟ ଚାହିଁ ରହିବା ହିଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ। ସେତିକି ସମୟରେ ହିଁ ସଂସାର ଛିନ୍‌ଛତ୍ର ହୋଇଯାଏ। ମୁଣ୍ଡ ଦପ୍ ଦପ୍ କରେ। ପାଟିରୁ ଠିକ୍ ଶବ୍ଦ ବାହାରେ ନାହିଁ। ଏମିତି ହୁଏ ଯେମିତିକି କୌଣସି ଏକ କଟାଗଛ ପରି ସନ୍ଦୀପନ ଆଉ ଟିକକରେ ଖସିପଡ଼ିବ ଭୂଇଁରେ। କିନ୍ତୁ ହଠାତ୍ ଖସିପଡ଼ିବା ଭଳି ସ୍ଥାନ ନୁହଁ ସେଇ ଜାଗାଟା। ଛକର ସବୁକିଛି ଠିକ୍‌ଠାକ୍ ଅଛି। ପାନଦୋକାନ କଡ଼ରେ ସନ୍ଦୀପନର ସ୍କୁଟର୍ ନିରୀହ ଭାବରେ ଛିଡ଼ା ହୋଇଛି। ଗରାଖ କମ୍ ଥିବାରୁ ପାନଦୋକାନୀ ପ୍ୟାକେଟ୍‌ରୁ ସୁବାସିତ ଗୁଣ୍ଡି ବାହାର କରି ସେଥିରୁ ଅଲଗା କରି ରଖୁଛି ଲବଙ୍ଗ ଖଣ୍ଡମାନ। ନିକଟରେ ଉପରିସ୍ଥଙ୍କ ଇନ୍‌ସପେକ୍‌ସନ୍ ପାଇଁ ବିବ୍ରତ ହୋଇ ସନ୍ଦୀପନର ସାଙ୍ଗେ ଜଣେ ବଖାଣି ଚାଲୁଛି ତା'ର ଅଫିସ୍‌ରେ ଦୀର୍ଘକାଳ ଧରି ଚାଲିଆସୁଥିବା ଦୁର୍ନୀତିର ବିଷୟ। ଆଉ ଜଣେ ସାଙ୍ଗରେ ତାହାର ହାତରେ ଏକ ବିଚିତ୍ର ତାଳି ମାରୁଛି। ଯେଉଁ ବିଚିତ୍ର ତାଳିର ଶବ୍ଦ ଶୁଣିଲେ ଛକରେ ଦୀର୍ଘକାଳ ଧରି ରାଜତ୍ୱ କରି ଆସୁଥିବା ଷଣ୍ଢଟିଏ ହଠାତ୍ ଉତ୍‌କ୍ଷିପ୍ତ ହୋଇଉଠେ। ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ନିଜର ବଦଳି ଅର୍ଡରକୁ ପରିବର୍ତ୍ତନ କରିବାରେ ଅସମର୍ଥ ସନ୍ଦୀପନ। ଆଉ ଜଣେ ସାଙ୍ଗ ଦୀର୍ଘଶ୍ୱାସ ଛାଡ଼ି ସନ୍ଦୀପନକୁ ପଚାରେ, ଆଉ କେଉଁ ଚାନେଲ୍‌ରେ ଲାଗିବା କହିଲୁ, ମୋତେ କିଛି ବୁଦ୍ଧିବାଟ ଦିଶୁନାହିଁ। ଛକର ଦୋକାନବଜାର ସ୍ୱାଭାବିକ ଭାବରେ ଖୋଲା ଥାଏ। ଲୋକବାକଙ୍କ ଗହଳି ସବୁଦିନ ପରି। ସେତିକିବେଳେ ଛକର କେଉଁଠୁ କେଜାଣି ବାହାରିଆସେ ପ୍ରଫୁଲ୍ଲ। ମୁଣ୍ଡରେ ରିବନ୍। ମୁହଁଯାକ କଳା। ପିନ୍ଧିଥିବା ମଇଳା ଧୋତିଟା ଠାଏ ଠାଏ ଚିରା। ଛାତିରେ ତା'ର ଗିଜ୍‌ଗିଜ୍ କରୁଛି ପଞ୍ଜରା ହାଡ଼। ଆଉ ତାହା ଉପରେ ବଙ୍କା-ତେଢ଼ା ତ୍ରିଶୂଳର ଛବିଟିଏ କଳାରଙ୍ଗରେ ଅଙ୍କା ହୋଇଛି। ହାତ ଦୁଇଟାରେ ଠାଏ ଠାଏ ବନ୍ଧା ହୋଇଛି କେତେ ରକମର ରିବନ୍। ଗୋଟାଏ ହାତରେ ଧରିଥାଏ ସେ କେତେ ପିସ୍ ପାଉଁରୁଟି ଆଉ ଆର ହାତରେ ଗୋଟାଏ ପରିତ୍ୟକ୍ତ ଡଟ୍‌ପେନ୍। ଛକର କେଉଁଠାରୁ ଏକ ମୂର୍ତ୍ତିମନ୍ତ ଛବି ଭଳି ହଠାତ୍ ଉଭା ହୋଇଯାଏ ପ୍ରଫୁଲ୍ଲ। ପାଉଁରୁଟି ପିସ୍‌ଟେ ଚୋବେଇ ସାରିଲା ପରେ କଥା କହିବାକୁ ଆରମ୍ଭ କରେ ସେ। ତାହା ପରେ ସନ୍ଦୀପନ ଭିତରେ ସବୁକିଛି ଅଳ୍ପ ସମୟ ପାଇଁ ଛିନ୍‌ଛତ୍ର ହୋଇଯାଏ। ସନ୍ଦୀପନ ଭିତରେ ସବୁବେଳେ ବାହାରର ଆକର୍ଷଣ। ମାତ୍ର କେଜାଣି କାହିଁକି ଛକରେ ସେ ସବୁଦିନ ଅପେକ୍ଷା କରୁଥାଏ ପ୍ରଫୁଲ୍ଲକୁ। ମାତ୍ର ପ୍ରଫୁଲ୍ଲ ସବୁଦିନ ଆସେନାହିଁ। ଦିନେ ଦିନେ ଆସେ। ସେ ଆସିଲା ପରେ ଛକଟା ପୂରାପୂରି ବଦଳିଯାଏ। ସନ୍ଦୀପନ କେବଳ କିଛି ସମୟ ପାଇଁ ଚାହିଁରହେ ତାକୁ। ତା'ର ଅସଂଲଗ୍ନ କଥାରୁ ସନ୍ଦୀପନ ଉଦ୍ଧାର କରିବାକୁ ଚେଷ୍ଟାକରେ ଅର୍ଥ ସମୂହକୁ। ମାତ୍ର ପାରେ ନାହିଁ। ତାହାର ମୁଣ୍ଡ ଦପ୍‌ଦପ୍ କରେ। ହଠାତ୍ ଯେମିତି ସେ ଭୂଇଁରେ ଖସିପଡ଼ିବ ସେଇମିତି ତାକୁ ଲାଗେ। ତାହାପରେ ସେ ଛାଟିପିଟି ହୋଇ ପଳାଇଯାଏ ଘର ଭିତରକୁ। ବନ୍ଧୁମାନେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି। କହନ୍ତି- ହଠାତ୍ ଆଜି ଏତେ ଚଞ୍ଚଳ କୁଆଡ଼େ, ସାହେବାନ୍? ସନ୍ଦୀପନ ନିଜକୁ ଆଢୁଆଳରେ ରଖି କହେ, ନାଇଁମ। କିଛି ନୁହଁ ଏମିତି।

ଘରେ ପହଞ୍ଚିଗଲା ପରେ ସନ୍ଦୀପନର କଟା ଗଛଟିଏ ପରି ତଳେ ପଡ଼ିଯିବାର ଭୟ ନଥାଏ।

ହଠାତ୍ ଛକରୁ ବାହାରି ଆସେ ପ୍ରଫୁଲ୍ଲ। କେହି ତାହା ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। କିନ୍ତୁ ସନ୍ଦୀପନ ଜାଣେ ତା'ର ଶକ୍ତି ଯଥେଷ୍ଟ। ଯେକୌଣସି ଶବ୍ଦ ପାଖରେ ଯେକୌଣସି ଶବ୍ଦ ବସାଇ ପ୍ରଫୁଲ୍ଲ ଅନାୟାସରେ କହିପାରେ ଅନର୍ଗଳ। ଗୋଟିଏ ସୂତା ଭଳି ତା'ର କଥା। ଖିଅଟିଏ ମିଳୁ ନଥାଏ। ସନ୍ଦୀପନ ଚେଷ୍ଟା ଜାରି ରଖିଥାଏ ମାତ୍ର ଶେଷକୁ ଆତ୍ମସମର୍ପଣ ମୁଦ୍ରାରେ ହାତ ଟେକିଦିଏ। ସେତିକିବେଳକୁ ତାକୁ ଲାଗେ ଯେ ଗଛଟି କଟା ସରିଗଲାଣି। ତେଣୁ ସେ ପ୍ରଫୁଲ୍ଲଠାରୁ ଅପସରିଯାଏ। ସେତେବେଳକୁ ପରିପୂର୍ଣ୍ଣ ଛକ, ବାହାର ସବୁକିଛି ପ୍ରଫୁଲ୍ଲର କଥା ଭଳି ହୋଇଯାଇଥାଆନ୍ତି। ଯାହାକୁ ସନ୍ଦୀପନ ବୁଝିପାରେ ନାହିଁ। ଘରେ ପହଞ୍ଚିଗଲା ପରେ ପ୍ରଫୁଲ୍ଲ ନଥାଏ। ସନ୍ଦୀପନ ଏକଚ୍ଛତ୍ରାଧିପତି ସମ୍ରାଟ ହୋଇଯାଇଥାଏ ନିଜର ସଂସାରରେ।

ଘର ଭିତରେ ସେତେବେଳେ ବି ସନ୍ଦୀପନର ମନେପଡୁଛି ପ୍ରଫୁଲ୍ଲ କଥା। ସେତେବେଳକୁ ତା' ଆଗରେ ପ୍ରଫୁଲ୍ଲ ଏକ ଭିନ୍ନ ମଣିଷ ହୋଇଯାଇଛି। ରାତି ଅନ୍ଧାରରେ ପ୍ରଫୁଲ୍ଲ ଅତି ଯତ୍ନର ସହ ନିଜ ହାତରୁ, ମୁଣ୍ଡରୁ ରିବନ୍ ଫିଟାଇ ଫୋପାଡ଼ି ଦେଇଛି ନର୍ଦ୍ଦମାକୁ। ଗାଧୁଆଘରେ ନିଠେଇ ନିଜର ଦେହରୁ ସଫା କରିଛି ଯାବତୀୟ କଳାରଙ୍ଗ। ନିଜର ପଞ୍ଜରା ହାଡ଼ ଉପରୁ ତ୍ରିଶୂଳକୁ ସଫା କରିବା ପୂର୍ବରୁ ମନକୁ ମନ କିଛି ସମୟ ହସିଛି ସେ। ଗାଧୁଆଘର ଥାକରେ ରଖିଦେଇଛି ସେ ଆଗରୁ ହାତରେ ଧରିଥିବା ପରିତ୍ୟକ୍ତ ଡଟ୍‌ପେନ୍। ତାହାପରେ ସବୁ ଜିନିଷ କେମିତି ଦୁର୍ବୋଧ୍ୟ ଦେଖାଯାଉଛି ପ୍ରଫୁଲ୍ଲକୁ। ମାତ୍ର ଅତି ଯତ୍ନରେ ସେ ନିଜକୁ ପରିଷ୍କାର କରିନେଇଛି। ସଫା ଧୋତିଟିଏ ପିନ୍ଧିଛି। ତାହାପରେ ସେ ନିଜର ମୁଣ୍ଡକୁ ବେଶ୍ କିଛି ସମୟ ଧରି ପାନିଆରେ କୁଣ୍ଡାଇ ଚାଲିଛି। ସମସ୍ତଙ୍କର ଭାବଭଙ୍ଗୀ ଯେମିତି କିଛି କାଳ ଆଗରୁ ପ୍ରଫୁଲ୍ଲ କିଛି ଅଘଟଣ ଘଟାଇ ନାହିଁ ବା କୌଣସି ଅଘଟଣ ଘଟାଇବା ପରି ତାହାର ସାମର୍ଥ୍ୟ ନାହିଁ। ତାହାପରେ ସେ ଖାଇ ବସିଛି। ପ୍ରଚୁର କ୍ଷୁଧା ତା'ର। ଦୀର୍ଘକାଳର କ୍ଷୁଧା ଯେମିତି ପ୍ରଫୁଲ୍ଲ ଉପରେ ଜମି ରହିଛି। ତାହାପରେ ସବୁ ଜିନିଷ ଚିରାଚରିତ। ସମସ୍ତଙ୍କ ପରି ପ୍ରଫୁଲ୍ଲ ସଂସାରରେ ଅଛି। ପତ୍ନୀ ସହିତ ଶାରୀରିକ ହୋଇଛି। ପିଲାମାନଙ୍କ ସହ ଟିଭି ଦେଖିଛି।

ଆଶ୍ଚର୍ଯ୍ୟ ହୋଇ ସନ୍ଦୀପନର ପତ୍ନୀ କହିଲା- କ'ଣ ଆଉ ଦୁଇପଟ ରୁଟି ଦେବି?

ସନ୍ଦୀପନ କିଛି କହିଲା ନାହିଁ। ତାହା ଭିତରେ ଯେମିତି ଅନେକ ଦିନ କ୍ଷୁଧା। ଆଲୋକରେ କିନ୍ତୁ ପ୍ରଫୁଲ୍ଲ ବେଶପୋଷାକ ହୋଇ ବାହାରିଆସିବ। ବାଟସାରା ଅସଂଲଗ୍ନ ସଂଳାପ କହିଚାଲିବ। ପୃଥିବୀରେ କୌଣସି ନିୟମକୁ ତା'ର ଖାତିର୍ ନାହିଁ। ପୃଥିବୀର ଯାବତୀୟ ଗତିଶୀଳତାକୁ ତା'ର ଭ୍ରୂକ୍ଷେପ ନାହିଁ। ସମସ୍ତ ସମୟ ପ୍ରତି ସେ ବେପରବାୟ। ସେତେବେଳେ ପ୍ରଫୁଲ୍ଲକୁ ଜୋର୍ କରି କେହି ଘର ଭିତରେ ରଖିପାରିବେ ନାହିଁ। ଇଚ୍ଛା ହେଲେ ସେ ଲାଇଟ୍ ପୋଷ୍ଟରେ

ଚଢ଼ିବା ଚିତ୍‌କାତ ହୋଇ ପିଚୁ ରାସ୍ତାରେ ଗଡ଼ିପଡ଼ିବ, ଯେମିତି ସେଇଟା ଗୋଟେ ତୂଳିତଳ୍ପ ଶଯ୍ୟା। ଇଚ୍ଛା ହେଲେ ଯେଉଁଠାରେ ଯାହା ଖାଇବା ଜିନିଷ ସଜା ହୋଇ ଅଛି, ସେଥିରୁ କିଛି ହଠାତ୍ ଏକ ଚିଲ ପରି ଝାମ୍ପି ନେବା। କୌଣସି ଲୋକ ପିଠିରେ ଆଚମକା ବିଧାଟିଏ କଷିଦେଇ ଦୌଡ଼ି ପଳାଇବା। ଡାକ୍ତରଙ୍କ ଔଷଧ କାମ କରିବ ନାହିଁ। ଗ୍ରହରିଷ୍ଟ ଖଣ୍ଡିବ ନାହିଁ। ପତ୍ନୀର ଆଖିରେ ପ୍ରସାରିତ ହୋଇ ଯାଉଥିବ ଶୂନ୍ୟତା। ପ୍ରଫୁଲ୍ଲ ଆସ୍ତେ ଆସ୍ତେ ଉଗ୍ର ହୋଇ ଉଠୁଥିବ ବାହାର ଶଗଡ଼ଗୁଳାରେ ଢିପେଇ ଢିପେଇ ଚାଲିଥିବା ସଂସାରରେ।

ଉପରିସ୍ଥ କର୍ତ୍ତା ବେଶ୍ ମୁଲାୟମ୍ ଗଳାରେ ସନ୍ଦୀପନଙ୍କୁ ପଚାରିଲେ- ତମର କ'ଣ ହୋଇଛି ସନ୍ଦୀପନ? ୟୁ ଲୁକ୍ ଡିଫରେଣ୍ଟ୍। କିଛିଦିନ ଛୁଟିରେ ରହିଯାଅ।

ସନ୍ଦୀପନ ଛୁଟି ନେଲା ନାହିଁ। କୌଣସି ଛୁଟି ନେବାର ଆବଶ୍ୟକତା ନାହିଁ ତାହାର।

ସଂସାରରେ ଥିଲାବେଳେ ସନ୍ଦୀପନଙ୍କୁ ଲାଗୁଥିଲା ଯେମିତି ପ୍ରଫୁଲ୍ଲ ଭଳି ବିଚିତ୍ର ବେଶ ହୋଇ ସେ ନିଜେ ହିଁ ସକାଳରେ ବାହାରି ଆସିଛି। ପ୍ରଫୁଲ୍ଲ ଅନେକ କଥା ଅନାୟାସରେ କରିପାରୁଛି। ଉଗ୍ର ହେଉଛି। ମାତ୍ର ସନ୍ଦୀପନର ଓଠରୁ ସେସବୁ କଥା ବାହାରି ପାରୁନାହିଁ। ସେ ଶାନ୍ତ। ଟାଇରେ ନଟ୍‌ଟା ଯତ୍ନର ସହ ପକାଇଛି।

ଏମିତି ନୁହେଁ ଯେ, ସେ ପ୍ରଫୁଲ୍ଲ ଭଳି କଥା ବେଳେବେଳେ କହିପାରି ନାହିଁ। କହିଲେ ସମସ୍ତେ ଆଶ୍ଚର୍ଯ୍ୟ ହେଇ ସନ୍ଦୀପନଙ୍କୁ ଚାହୁଁଛନ୍ତି। ପତ୍ନୀ ରୋକ୍‌ଠୋକ୍ ଗଳାରେ କହିଛନ୍ତି- ସଂସାର କରିବାକୁ ଇଚ୍ଛା ନଥିଲା ଯଦି ତାହାହେଲେ ବାହା ହେଲ କାହିଁକି? ପୁଅର କ'ଣ ହେବ? ଖାଲି କ'ଣ ତମ ପାଇଁ ଦେହ ସବୁକିଛି?

ସନ୍ଦୀପନର କଥା ସବୁ ଓଠ ଭିତରେ ଅଟକିଯାଇଛି। ଥରେ କିନ୍ତୁ ପ୍ରଫୁଲ୍ଲକୁ ସେ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲା। ସେତେବେଳକୁ କିନ୍ତୁ ପ୍ରଫୁଲ୍ଲ ସବୁଥର ପରି ସନ୍ଦୀପନ ଦେଖି ଆସୁଥିବା ବେଶପୋଷାକରେ ନଥିଲା। ପ୍ରଫୁଲ୍ଲ ଖଣ୍ଡିଏ ଧୋତି ପିନ୍ଧିଥିଲା। ଦେହରେ ଧଳା କମିଜଟିଏ। ତାହା ପୁଣି ଯଥେଷ୍ଟ ସଫା। ହାତରେ ଗୋଛାଏ କାଗଜ ଧରିଥିଲା ସେ। କଚେରି ପାଖରେ ଗୋଟେ କଲଭର୍ଟ ଉପରେ ବସି ବିଡ଼ି ଟାଣୁଥିଲା ପ୍ରଫୁଲ୍ଲ। ସନ୍ଦୀପନର କଚେରିରେ କୌଣସି କାମ ନଥିଲା। ସେ ନିଜ ଅଫିସ୍‌ରୁ ହଠାତ୍ ବାହାରି ଆସିଥିଲା। କେଉଁଠାରେ କିଛି ସମୟ ଆଡ୍‌ଡ଼ା ଦେବା ପାଇଁ ସରକାରୀ ନିୟମ ବିରୋଧ ହେଲେ ବି ଆଡ୍‌ଡ଼ା ମାରିବାଟା ତା'ର ପ୍ରଧାନ କାମ ବୋଲି ସନ୍ଦୀପନ ସବୁବେଳେ ଭାବେ। କୌଣସି ଫାଇଲ୍ ଭିତରୁ କେବଳ ଧାଡ଼ି ଧାଡ଼ି ସଂଯତ ଅକ୍ଷରକୁ ଦେଖାଯାଇପାରେ, ମାତ୍ର ଲୋକଗହଳିର ବିଚିତ୍ରତା ସେଠାରେ ନଥାଏ। ତେଣୁ ସନ୍ଦୀପନ କାହାରିକୁ ଖାତିର୍ ନକରି ମଝିରେ ମଝିରେ ଏମିତି ବାହାରି ଆସେ। କଚେରିରେ କାମ କରୁଥିବା ତା'ର କିଛି ବନ୍ଧୁ ଅଛନ୍ତି। ସେମାନେ ବି କିଛି ସମୟ ପରେ ବାହାରି ଆସିବେ କଚେରି ବାହାରର ପାନ ଦୋକାନ ପାଖକୁ। ଗୋଟିଏ କଲ୍‌ଭର୍ଟ ଉପରେ ପ୍ରଫୁଲ୍ଲକୁ ଏମିତି ଏକ ଅବସ୍ଥାରେ ବସିଥିବାର ଦେଖିଲା ସନ୍ଦୀପନ। ଅବଶ୍ୟ ଅନେକ ଦିନ ହେଲା ଛକରେ ପ୍ରଫୁଲ୍ଲକୁ ଦେଖିପାରିନଥିଲା। ବେଳେବେଳେ କାହା ପାଖିକୁ ସେ ପ୍ରଫୁଲ୍ଲର କଥା ପଚାରିଥିଲା, ମାତ୍ର କେହି ସେନ୍ତୋଷଜନକ ଜବାବ ଦେଇପାରିନଥିଲେ। ସନ୍ଦୀପନଙ୍କୁ ଦେଖିବା ମାତ୍ରକେ ମୁରୁକି ହସିଲା ପ୍ରଫୁଲ୍ଲ।

ସନ୍ଦୀପନ କହିଲା- ତମେ? ଏଠାରେ?

ପ୍ରଫୁଲ୍ଲ କହିଲା- କ'ଣ ଆଉ କରିବି? କୋର୍ଟ କଚେରି କାମ। ବିଲବାଡ଼ି ପଡ଼ିଆ ପଡ଼ିଥିଲା। ଭାବିଲି ଟିକିଏ ହାଲ ଧରେ, କିନ୍ତୁ ମାଆ ପେଟରୁ ତ ଭଗାରି। ମକଦ୍ଦମା କୋର୍ଟରେ ଉଠିଛି। ଓକିଲବାବୁ ଚା' ପିଇବାକୁ ଯାଇଛନ୍ତି। ଆସନ୍ତୁ...।

ସନ୍ଦୀପନ କହିଲା- ଯାହାହେଉ, ତମ ଦେହ ଭଲ ହୋଇଯାଇଛି। ସେଇଟା ବଡ଼କଥା। ନା କ'ଣ କହୁଛ?

ଟିକିଏ ଲାଜେଇଗଲା ପରି କହିଲା ପ୍ରଫୁଲ୍ଲ- ସେ କଥା ଆଉ ମନେପକାଅ ନାହିଁ। କେତେବେଳେ କ'ଣ ହେବ କିଏ ଜାଣେ?

ସନ୍ଦୀପନ ପ୍ରଫୁଲ୍ଲଠାରୁ ଅପସରିଗଲା। ଆଉ ଛକରେ ପ୍ରଫୁଲ୍ଲକୁ ବିଚିତ୍ର ବେଶରେ ଦେଖିବାକୁ ମିଳିବ ନାହିଁ। ଏକନିଷ୍ଠ ଭାବରେ ତାହାର କଥାରୁ ଅର୍ଥ ଉଦ୍ଧାର କରିବାକୁ ଯାଇ କୌଣସି ଏକ କଟାଗଛ ତଳେ ପଡ଼ିବାର ପୂର୍ବ ମୁହୂର୍ତ୍ତରେ ଅନୁଭବ ଆଉ ଆସିବ ନାହିଁ ସନ୍ଦୀପନର।

କିନ୍ତୁ ପ୍ରଫୁଲ୍ଲ ଏମିତି ଏକ ପରିଣତିରେ ପହଞ୍ଚିବାର ନୁହେଁ। କୌଣସି ପରିଣତି ତାକୁ ବାନ୍ଧି ରଖିପାରି ନଥିଲା।

କିଛିଦିନ ପରେ ଛକରେ ସନ୍ଦୀପନ ପୁଣି ଦେଖିପାରିଲା ପ୍ରଫୁଲ୍ଲକୁ ତାହାର ପୁରୁଣା ବେଶରେ। ଅନାୟାସରେ ମନଇଚ୍ଛା ଶବ୍ଦ ପରେ ଶବ୍ଦ ଖଞ୍ଜି ଚାଲୁଥାଏ ସେ।

ତାହାର କିଛିଦିନ ପରେ ସନ୍ଦୀପନଙ୍କୁ ବାରୁଣାବନ୍ତରୁ ନିମନ୍ତ୍ରଣ ଆସିଲା। କୌଣସି ଏକ ନାମହୀନ ପକ୍ଷୀର ପର ଭଳି ସେ ନିମନ୍ତ୍ରଣ।

ତାହାକୁ ଆସିବାକୁ ପଡ଼ିଲା ବାରୁଣାବନ୍ତକୁ। ପଛରେ ଅନେକ ଦୂରରେ ତା'ର ସଂସାର।

ବାରୁଣାବନ୍ତରୁ ସଂସାରଟି ଦିଶୁଥାଏ କ୍ଷୁଦ୍ରରୁ କ୍ଷୁଦ୍ରତର ହୋଇ। ସନ୍ଦୀପନ କୌଣସି ଘଟଣା, ଚରିତ୍ର, ପରିଣତିର ଅପେକ୍ଷା କରୁନଥାଏ। ବାରୁଣାବନ୍ତ ଏମିତି ଏକ ସ୍ଥାନ, ଯେଉଁଠାରୁ କି କେବଳ ଚାରିଆଡ଼ର ପ୍ରସାରିତ ଶୂନ୍ୟତାକୁ ନିର୍ନିମେଷ ନୟନରେ ଅନେକ ସମୟ ଧରି ଚାହିଁ ହେବ। ସାମାନ୍ୟ ଅର୍ଥଟିଏ ମନ ଭିତରକୁ ଆସିବ ନାହିଁ, ବାରୁଣାବନ୍ତରେ।

ସନ୍ଦୀପନଙ୍କୁ ଲାଗିଲା, ଯେମିତି ଏଇଟା ହିଁ ପ୍ରକୃଷ୍ଟ କ୍ଷେତ୍ର ପ୍ରଫୁଲ୍ଲ ଭଳି ମନଇଚ୍ଛା ଶବ୍ଦ ପରେ ଶବ୍ଦକୁ ଖଞ୍ଜିବା ପାଇଁ, ପ୍ରଫୁଲ୍ଲ ଭଳି ଅନାୟାସରେ କହିଯିବା ପାଇଁ, ଏକନିଷ୍ଠ ଭାବରେ ପ୍ରଫୁଲ୍ଲକୁ ଚାହିଁ ରହିବା ପାଇଁ।

ହଠାତ୍ ବାରୁଣାବନ୍ତରେ ସନ୍ଦୀପନର ମନେହେଲା ଯେମିତି ସେ ଛାଡ଼ିଆସିଥିବା ସଂସାରରେ କେବଳ ତାହାର କଥାବାର୍ତ୍ତା ଜୀବନଯାପନ ସବୁକିଛି ପ୍ରଫୁଲ୍ଲ ଭଳି ଥିଲା।

ରାତିର ବେଶ୍ ଦୀର୍ଘ ପ୍ରହରରେ ଶୋଇବାକୁ ବାହାନା କରୁଥିବା ସନ୍ଦୀପନର ପତ୍ନୀ ହଠାତ୍ ଗର୍ଜି ଉଠି କହିଲା- ମୋତେ କୌଣସି ବନ୍ଧନ ବାନ୍ଧିପାରିବ ନାହିଁ। ତାହା ପରେ ହଟ୍‌କେସ୍‌ରୁ ନିରବରେ ବାଢ଼ି ଖାଇ ବସିଥିଲା ସନ୍ଦୀପନ।

ଘର ଭିତରେ ପୁତ୍ର ପତ୍ନୀ ସହିତ ସମୟ କାଟୁଥିଲାବେଳେ, ଚା' ପିଉଥିଲାବେଳେ, ଟିଭି ଦେଖୁଥିଲାବେଳେ, ପୁଅର ବିଲ୍‌ଡିଂ ବ୍ଲକ୍‌ମାନଙ୍କୁ ନେଇ ପୁଅ ସହିତ ବିଭିନ୍ନ ଡିଜାଇନ୍ କରୁଥିଲାବେଳେ ସନ୍ଦୀପନଙ୍କୁ ବାହାରର ଆକର୍ଷଣ ଅଥୟ କରିଦିଏ। ସେ ଅସ୍ଥିର ହୋଇପଡ଼େ। ତା'କୁ ଲାଗେ ଯେମିତି ତା'ର ମୂଲ୍ୟବାନ ସମୟ ଅପଚୟ ହୋଇଯାଉଛି। ବାହାରେ ଏତେ ଚମତ୍କାର ଦୃଶ୍ୟ ସବୁ ଅନ୍ତର୍ହିତ ହୋଇଯିବଣି ଏହା ଭିତରେ। ବାହାରେ କେଉଁଠି ଏକଲା ଛିଡ଼ା ହୋଇଥିବା ଲୋକଟି

ଧରିସାରିବଣି ରାତି ନଅଟାର ବସ୍। ଏହା ଭିତରେ ଭାବବ୍ୟକ୍ତ ସରଳ ସଂଳାପତକ କହିସାରିବଣି ଛକର ପାନଦୋକାନୀ। ସନ୍ଦୀପନ ହାଙ୍ଗରରେ ଥିବା ସାର୍ଟପ୍ୟାଣ୍ଟ୍ ଆଡ଼କୁ ହାତ ବଢ଼ାଇଲା।

ସନ୍ଦୀପନର ପତ୍ନୀ କହିଲା- ତମେ ତ ଏତେ ବର୍ଷ ହେଲା ଛକରେ ଆଡ୍‌ଡ଼ା ଦେଉଛ... ୟାଡ଼େସ୍ୟାଡ଼େ ବୁଲୁଛ ବାବନାଭୂତ ଭଳି... ତମର ପୋଜିସନ୍ ପ୍ରତି ଖାତିର୍ ନାହିଁ... ଆଚ୍ଛା, ତମେ ଏଥିରୁ କ'ଣ ପାଉଛ?

ସନ୍ଦୀପନ କୌଣସି ଜବାବ ନଦେଇ ପ୍ରସ୍ତୁତ ହେଉଥିଲା ବାହାରକୁ ଯିବା ପାଇଁ।

ସନ୍ଦୀପନର ପତ୍ନୀ ପୁଣି ଗୁଣୁଗୁଣୁ ହୋଇ କହିଲା- ପ୍ରକୃତ କଥା ତମେ ଆମକୁ ଆଭଏଡ୍ କରୁଛ ସବୁବେଳେ।

ସ୍କୁଟର୍ ଷ୍ଟାର୍ଟ କଲାବେଳକୁ ସନ୍ଦୀପନ ପରିଷ୍କାର ଭାବରେ ଶୁଣିପାରିଲା ପତ୍ନୀର ଶବ୍ଦ- ସ୍ୱାର୍ଥପର... ଚରମ ସ୍ୱାର୍ଥପର...।

ବାହାର ଦୃଶ୍ୟକୁ କେବେ କାହାରିକୁ ଦେଖାଇବାକୁ ଚାହେଁ ନାହିଁ ସନ୍ଦୀପନ।

ଡେର୍ ରାତିରେ ଛକରୁ ଫେରିବା ପରେ ସନ୍ଦୀପନର ପତ୍ନୀ ଅଭିଯୋଗହୀନ ଗଳାରେ କହିଲା- ମୁଁ ଯଦି ଗୋଟେ ଗପର ଚରିତ୍ର ହୁଏ, ତାହାହେଲେ ତମେ ମୋତେ କେଉଁ ପରିଣତି ଦେବ? କୁହ?

ବାରୁଣୀବନ୍ତରେ ସନ୍ଦୀପନ ଏଇ କଥାକୁ ଅନେକ ଥର ଚିନ୍ତା କରିଛି। କେଉଁ ପରିଣତିଟିଏ ସେ ଦେଇପାରିବ ନିଜର ପତ୍ନୀକୁ? ଆଧାରକୁ ଆଧାର ଛଡ଼ା କେଉଁ ପରିଣତି ଦିଆଯାଇପାରେ? ସ୍ଥିରତାକୁ ସ୍ଥିରତା ଛଡ଼ା ଆଉ କେଉଁ ପରିଣତି ଦିଆଯାଇପାରେ? ପତ୍ନୀ ସେହିଭଳି ଅବସ୍ଥାରେ ନଥିଲେ ସନ୍ଦୀପନ ବାହାରକୁ ଆସିପାରିନଥା'ନ୍ତା। ବାରୁଣୀବନ୍ତର ନିମନ୍ତ୍ରଣ ରକ୍ଷା କରିପାରିନଥା'ନ୍ତା କେବେ ହେଲେ।

ହଠାତ୍ ପତ୍ନୀ ପ୍ରତି ଏକ କୃତଜ୍ଞତାରେ ସଜଳ ହୋଇଗଲା ସନ୍ଦୀପନ।

ବାରୁଣୀବନ୍ତରେ ପ୍ରସାରିତ ଦିଗ୍‌ବଳୟ, ସବୁଜିମା। ସନ୍ଦୀପନ ଦେଖିଲା, ତାହାରି ଭିତରେ ଚାଲି ଚାଲି ଆସୁଛି ଲୋକଟିଏ। ଚାଲି ଚାଲି କହିଲେ ଭୁଲ୍ ହେବ, ଲୋକଟି ଯେମିତି ପହଁରି ପହଁରି ଆସୁଛି ସନ୍ଦୀପନ ଆଡ଼କୁ।

ସନ୍ଦୀପନ ନିକଟରେ ତାକୁ ଚିହ୍ନିପାରିଲା।

ସେ ପ୍ରଫୁଲ୍ଲ। ଅବଶ୍ୟ ସଫା ଧୋତିଟିଏ ପିନ୍ଧିଛି। ଦେହରେ ଧଳା କାମିଜ। ହାତରେ ଧରିଛି ଗୁଡ଼ାଇ ହୋଇଥିବା ମେଞ୍ଚାଏ କାଗଜ।

ସନ୍ଦୀପନ ଆଶ୍ଚର୍ଯ୍ୟ ହୋଇ ପଚାରିଲା- ତମେ ଏଠି? କେମିତି?

ମୁରୁକି ହସିଦେଇ କହିଲା ପ୍ରଫୁଲ୍ଲ- ଏଠାରେ କେମିତି? ମାନେ ଏଠାରେ ତ ସବୁବେଳେ ଥାଏ।

ସନ୍ଦୀପନ କହିଲା- ଅନେକ ଦିନ ହେଲା ମୁଁ ତ ଏଠାକୁ ଆସିଛି। ମାତ୍ର ତମ ସହିତ ଦିନେ ହେଲେ ଦେଖାହୋଇ ନାହିଁ। ସେ ଯାହା ହେଉ ତମ ଦେହପା' ଏବେ ଭଲ ଅଛି।

ପ୍ରଫୁଲ୍ଲ ଦୃଢ଼ ଭାବରେ କହିଲା- ମୋ ଦେହ ତ ସବୁବେଳେ ଭଲ ଥାଏ, ସବୁବେଳେ।

ସନ୍ଦୀପନ ଚୁପ୍ ରହିଲା।

କିନ୍ତୁ ସନ୍ଦୀପନକୁ ଚମକାଇ ଦେଇ କହିଲା ପ୍ରଫୁଲ୍ଲ- ଆସ ମୋ ସାଙ୍ଗରେ। ତମର ସ୍ତ୍ରୀ ପୁଅ ଆସିଛନ୍ତି ଏଠାକୁ। ଆସ। ମୁଁ ତମକୁ ସେମାନଙ୍କ ପାଖରେ ଛାଡ଼ିଦେବି।

ସନ୍ଦୀପନ ଭିତରେ ପକ୍ଷୀଟିଏ ଡେଣା ଝପଟେଇବାର ଶବ୍ଦ ଶୁଭିଲା। ଅତି ବ୍ୟାକୁଳରେ ସନ୍ଦୀପନ କହିଲା- ସତରେ? ସେମାନେ ଏଠି? କେମିତି? କେତେବେଳେ? ମୁଁ ଜାଣିପାରିଲି ନାହିଁ।

ସନ୍ଦୀପନ କଥାକୁ କାନ ନଦେଇ କହିଲା ପ୍ରଫୁଲ୍ଲ- ମୋ ହାତ ଧର। ନ ହେଲେ ତମେ ସେମାନଙ୍କ ପାଖକୁ ଯିବାର ବାଟ ପାଇବ ନାହିଁ। ବାରୁଣୀବନ୍ତରେ ଏଣେ ଅନ୍ଧାର ପୁଣି ମାଡ଼ିଆସୁଛି। ଧର, ମୋ ହାତ... ଧର।

ପୃଥିବୀର ଏକମାତ୍ର ଆଶ୍ରା ପରି ସନ୍ଦୀପନ ଧରିନେଲା ପ୍ରଫୁଲ୍ଲର ହାତକୁ। ଅତି ବ୍ୟାକୁଳରେ। ତା'ପରେ ଦୁଇଜଣ ଯାକ ଉଡ଼ି ଉଡ଼ି ଚାଲିଲେ।

ମାତ୍ର ସନ୍ଦୀପନ ଦେଖିଲା କ୍ରମଶଃ ପ୍ରଫୁଲ୍ଲର ବେଶଭୂଷା ବଦଳିଯାଇଛି। ତାହାର ମୁହଁସାରା କଳା। ମୁଣ୍ଡରେ ବନ୍ଧା ହୋଇଛି ରିବନ୍। ହାତ ଦୁଇଟାରେ ଠାଏ ଠାଏ ବନ୍ଧା ହୋଇଛି ନାନା ପ୍ରକାର ରିବନ୍। ପଞ୍ଜରା ଉପରେ ତା'ର ବଙ୍କାତେଢ଼ା ତ୍ରିଶୂଳଟିଏ ଫୁଟି ଉଠିଲା। ତାହାପରେ ପ୍ରଫୁଲ୍ଲ ଅନାୟାସରେ କହିଲାଚାଲିଲା ମନଇଚ୍ଛା, ଶବ୍ଦ ପରେ ଶବ୍ଦ, ଯେକୌଣସି ଶବ୍ଦ ପରେ ଶବ୍ଦ।

ସନ୍ଦୀପନ ଆଶ୍ଚର୍ଯ୍ୟ ହେଲା ନାହିଁ। ପ୍ରଫୁଲ୍ଲର ଯେତେ ଯାହା ରୂପାନ୍ତର ହେଉ ପଛକେ ବାରୁଣୀବନ୍ତ ସହ ନିଜର ସଂସାରର ଥିବା ଏକମାତ୍ର ଯୋଗସୂତ୍ରକୁ ସନ୍ଦୀପନ କେବେ ହେଲେ ହଜାଇବ ନାହିଁ।

ପ୍ରଫୁଲ୍ଲ ହାତକୁ ଜୋର୍‌ରେ ଜାବୁଡ଼ି ଧରିଥାଏ ସନ୍ଦୀପନ, କାରଣ ତାହାର ଯେତେବେଳେ ହେଉ ପଛକେ ସଂସାରରେ ପହଞ୍ଚିବାର ଅଛି।



**Jyoti Nanda** is a retired Professor of History with keen interest in writing Odia fictions. He is a popular writer focusing on art, culture and literature of Odisha.



# ରୁଖ୍ମା ବାଈ

ଡ. ଇତି ସାମନ୍ତ

ନିକଟରେ ଦେଶର ୭୪ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଝିଅମାନଙ୍କର ବିବାହ ବୟସକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଉପସ୍ଥାପନ କରିଛନ୍ତି। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ ଥିଲା, ''ଆମେମାନେ ଝିଅମାନଙ୍କର ବିବାହ ବୟସର ପୁନଃବିଚାର କରିବା ପାଇଁ ଏକ କମିଟି ଗଠନ କରିଛୁ। ଏହି କମିଟି ନିଜର ତଥ୍ୟ ଉପସ୍ଥାପନ କରିବା ପରେ ସରକାର ନିଜର ନିଷ୍ପତ୍ତି ଗ୍ରହଣ କରିବେ।''

ଝିଅମାନଙ୍କର ସର୍ବନିମ୍ନ ବିବାହ ବୟସ ସବୁବେଳେ ଏକ ଆଲୋଚନାର ବିଷୟ ହୋଇ ରହିଆସିଛି। ବିଭିନ୍ନ ସାମାଜିକ କୁପ୍ରଥା ଓ ଧାର୍ମିକ ସମ୍ପ୍ରଦାୟର ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି ଝିଅମାନଙ୍କର ବିବାହ ସମ୍ବନ୍ଧୀୟ ନିୟମକୁ। ବହୁ ବାଧାବନ୍ଧନର ସମ୍ମୁଖୀନ ହୋଇ ହୋଇ ଶେଷରେ ଆସି ପହଞ୍ଚିଛି ଆଜି ଏହି ସ୍ତରରେ। ବର୍ତ୍ତମାନର ପ୍ରଚଳିତ ଏହି ନିୟମ ଅନୁଯାୟୀ ପୁଅମାନଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ୨୧ ଓ ଝିଅମାନଙ୍କ ପାଇଁ ବିବାହର ସର୍ବନିମ୍ନ ବୟସ ୧୮। ବିବାହର ସର୍ବନିମ୍ନ ବୟସ, ସାବାଳକ ବୟସଠାରୁ ଭିନ୍ନ ବିବେଚିତ ହେଉଥିଲେ ମଧ୍ୟ, ଲିଙ୍ଗଗତ ବିଭେଦକୁ ନେଇ ଏ କ୍ଷେତ୍ରରେ ମଧ୍ୟ ପ୍ରଭେଦ ପରିଲକ୍ଷିତ ହୋଇଥାଏ। ଭାରତୀୟ ସାବାଳକ ଅଧିନିୟମ ୧୮୭୫ ଅନୁଯାୟୀ, ୧୮ ବର୍ଷ ବୟସରେ ଉପନୀତ ହେଲେ ଜଣେ ଭାରତୀୟ ସାବାଳକ ହିସାବରେ ପରିଗଣିତ ହୋଇଥାଏ। କିନ୍ତୁ ବିବାହର ବୟସ କ୍ଷେତ୍ରରେ ଏହା ଭିନ୍ନ।

ଜୁନ୍ ୨ ତାରିଖ ୨୦୨୦ରେ କେନ୍ଦ୍ର ମହିଳା ଓ ଶିଶୁକଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏକ ଅନୁସନ୍ଧାନକାରୀ ଦଳ ଗଠନ କରାଯାଇଛି। ମହିଳାଙ୍କର ମା' ହେବାର ବୟସ, ମାତୃ ମୃତ୍ୟୁହାର ଏବଂ ମହିଳାମାନଙ୍କର ପୋଷଣହାରର ଅଭିବୃଦ୍ଧି ସମ୍ପର୍କିତ ସର୍ବେକ୍ଷଣ ଏହି ଅନୁସନ୍ଧାନକାରୀ ଦଳର ମୁଖ୍ୟ କାର୍ଯ୍ୟ। ଏହି ଅନୁସନ୍ଧାନକାରୀ ଦଳ ବିବାହ ବୟସ ଓ ଗର୍ଭଧାରଣ ବୟସ ମଧ୍ୟରେ ଥିବା ସମ୍ପର୍କକୁ ଅନୁଧ୍ୟାନ କରିବା ସହ ଉଭୟ ମା' ଓ ଶିଶୁର ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟସେବା, ପୋଷଣ ଆଦି ବିଷୟକୁ ଗର୍ଭଧାରଣଠାରୁ ଆରମ୍ଭ କରି ଶିଶୁର ଜନ୍ମ ଓ ପରବର୍ତ୍ତୀ ସମୟ ପର୍ଯ୍ୟନ୍ତ ଅନୁଧ୍ୟାନ କରିବେ। ଏତଦ୍‌ବ୍ୟତୀତ ଏହି ଦଳ ଶିଶୁ ମୃତ୍ୟୁହାର (Infant Mortality Rate), ମାତୃ ମୃତ୍ୟୁହାର (Maternal Mortality Rate), (Total Fertility Rate), (Sex Ratio at Birth) ଏବଂ (Child Sex Ratio) ଆଦି ସମ୍ପର୍କରେ ଅନୁଧ୍ୟାନ କରିବା ସହ ସଂପ୍ରତି ନିର୍ଦ୍ଧାର୍ଯ୍ୟ କରାଯାଇଥିବା ବାଳିକାମାନଙ୍କର ସର୍ବନିମ୍ନ ବିବାହ ବୟସ ୧୮ରୁ ବଢ଼ାଇ ୨୧ ବର୍ଷ କରିବାରେ କିଭଳି ସମ୍ଭାବନା ରହିଛି, ସେସବୁ ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିବେ। ବିଭିନ୍ନ ଧାର୍ମିକ ସମ୍ପ୍ରଦାୟର ବିବାହକୁ ନେଇ ନିଜସ୍ୱ ନୀତିନିୟମ ଥିବାବେଳେ, ବର୍ତ୍ତମାନର ଏହି ନିୟମଟି ବାଲ୍ୟବିବାହକୁ ରୋକିବା ସହ କିଶୋରୀମାନଙ୍କ ଅଧିକାରର ସୁରକ୍ଷା ଦିଗରେ ସକ୍ଷମ ହୋଇପାରିଛି। ହିନ୍ଦୁ ବିବାହ ଅଧିନିୟମ ୧୯୫୫, ଧାରା ୫ ଅନୁଯାୟୀ, ପୁଅମାନଙ୍କର ବିବାହ ନିମନ୍ତେ ସର୍ବନିମ୍ନ ବୟସ ୨୧ ଧାର୍ଯ୍ୟ

କରାଯାଇଥିବା ବେଳେ ଝିଅମାନଙ୍କ ପାଇଁ ଏହା ୧୮ ବର୍ଷ ଧାର୍ଯ୍ୟ କରାଯାଇଛି। ନାବାଳକ ଯୁବକଯୁବତୀମାନେ ନିଜ ଇଚ୍ଛାରେ ବିବାହ କଲେ ମଧ୍ୟ ଆଇନତଃ ସେମାନଙ୍କୁ ସ୍ୱୀକୃତି ଦିଆଯାଇ ପାରିବ ନାହିଁ।

ବିବାହ ଅଧିନିୟମ ୧୯୫୪ ଏବଂ ବାଲ୍ୟ ବିବାହ ନିରୋଧ ଆଇନ ୨୦୦୬ରେ ମଧ୍ୟ ପୁଅମାନଙ୍କର ବିବାହ ନିମନ୍ତେ ସର୍ବନିମ୍ନ ବୟସ ୨୧ ଓ ଝିଅମାନଙ୍କର ସର୍ବନିମ୍ନ ବୟସ ୧୮ ବୋଲି ବିବେଚନା କରାଯାଇଛି। କେବଳ ଏତିକି ନୁହେଁ, ନାବାଳିକା କିଶୋରୀର ସହମତି ଥାଇ ମଧ୍ୟ ଯଦି ଯୌନସମ୍ପର୍କ ସ୍ଥାପନ କରାଯାଏ; ତା'ହେଲେ ମଧ୍ୟ ଏହାକୁ ବଳାତ୍କାର ବୋଲି ବିବେଚନା କରାଯିବ। କାହିଁକି ନା ନାବାଳକ ବୟସରେ ଏ ସମ୍ପର୍କରେ ସହମତି ଦେବାର ସଠିକ୍ ଚିନ୍ତାଶକ୍ତି ତା'ର ନ ଥାଏ।

୧୮୬୦ ମସିହାରେ ଭାରତୀୟ ଦଣ୍ଡ ସଂହିତା (Indian Penal Code) ଅନୁସାରେ ଝିଅମାନଙ୍କର ସମ୍ମତି ପ୍ରଦାନର ସ୍ୱତନ୍ତ୍ର ବୟସସୀମା ରଖାଯାଇଥିଲା ଏବଂ ପ୍ରଥମେ ଏହା ୧୦ ବର୍ଷରେ ସୀମିତ ରଖାଯାଇଥିଲା। ୧୦ ବର୍ଷରୁ କମ୍ ବୟସର ବାଳିକା ସହ ଯୌନସମ୍ପର୍କ ସ୍ଥାପନକୁ ଅପରାଧ ବୋଲି ମଧ୍ୟ ଘୋଷଣା କରାଯାଇଥିଲା। ୧୯୨୭ ମସିହାରେ ଏହାକୁ ବଳାତ୍କାର ବୋଲି ଘୋଷଣା କରାଯିବା ସହ ୧୨ ବର୍ଷରୁ କମ୍ ବୟସର ବାଳିକାଙ୍କ ସହ ବିବାହକୁ ନିଷିଦ୍ଧ ବୋଲି ଘୋଷଣା କରାଯାଇଥିଲା। ତତ୍କାଳୀନ ଭାରତୀୟ ନେତାମାନଙ୍କର ପସନ୍ଦ ହୋଇ ନ ଥିଲା ଏ କଥା। ସେମାନେ ମନେକରୁଥିଲେ ଏଭଳି ନିୟମ ତିଆରି କରି ବ୍ରିଟିଶମାନେ ଭାରତୀୟ ସାଂସ୍କୃତିକ ଜନଜୀବନରେ ଅଯଥା ହସ୍ତକ୍ଷେପ କରୁଛନ୍ତି। ଏଣୁ ତତ୍କାଳୀନ ଭାରତୀୟ ଜାତୀୟ ସଂଗ୍ରାମର ନେତାମାନେ ଏ ପ୍ରଥାର ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ବିବାହ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ବୟସସୀମା ଧାର୍ଯ୍ୟ ହେବାର ପରମ୍ପରା ଭାରତରେ ୧୮୮୦ ମସିହାରୁ ଆରମ୍ଭ ହେଲା। ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ ଆଇନ ଅନୁସାରେ ବିବାହ ନିମନ୍ତେ ଝିଅମାନଙ୍କ ବୟସ ୧୬ ଏବଂ ପୁଅମାନଙ୍କ ବୟସ ୧୮ ବୋଲି ଧାର୍ଯ୍ୟ କରାଯାଇଥିଲା। 'ଶାରଦା ନିୟମ' ନାମରେ ବେଶ୍ ପରିଚିତ ଏହି ନିୟମଟି ଆର୍ଯ୍ୟ ସମାଜର ପ୍ରମୁଖ ସଦସ୍ୟ ତଥା ପୂର୍ବତନ ନ୍ୟାୟାଧୀଶ ହରବିଲାସ ଶାରଦାଙ୍କ ଉଦ୍ୟମରେ ପ୍ରଚଳିତ ହୋଇଥିଲା। ଯିଏ ପରବର୍ତ୍ତୀ ସମୟରେ ୧୯୭୮ ମସିହା ବେଳକୁ ପୁଅ ଓ ଝିଅମାନଙ୍କର ବିବାହ ବୟସକୁ ଯଥାକ୍ରମେ ୨୧ ଓ ୧୮ କରିବା ପାଇଁ ନିଷ୍ପତ୍ତି ନେଇଥିଲେ।

ଲିଙ୍ଗଗତ ବୈଷମ୍ୟ ପ୍ରସଙ୍ଗରେ ନିରପେକ୍ଷତା ରକ୍ଷାକରି ବିଚାର କଲେ ଲକ୍ଷ୍ୟ କରାଯାଏ, ଝିଅମାନଙ୍କର ବିବାହ ବୟସକୁ ବଢ଼ାଇବା ପାଇଁ ଅନେକ ଯୁକ୍ତି ଉପସ୍ଥାପିତ ହେଉଛି। ଶୀଘ୍ର ଗର୍ଭଧାରଣ ଫଳରେ ଶିଶୁ ମୃତ୍ୟୁହାର ବଢ଼ିବା ସହିତ ଅଳ୍ପ ବୟସରେ ମା' ହେଉଥିବା ଝିଅମାନଙ୍କର ସ୍ୱାସ୍ଥ୍ୟର ମଧ୍ୟ ଅବନତି ଘଟୁଛି। ଯଦିଓ ଜଣେ ନାବାଳିକା ସହ ଯୌନସମ୍ପର୍କ ସ୍ଥାପନ ଆଇନତଃ ଅପରାଧ ଭାବରେ ବିବେଚିତ ହୋଇଛି, ତେବେ ବି ଆମ ଦେଶରେ ବାଲ୍ୟବିବାହ ବହୁଳତଃ ପରିଲକ୍ଷିତ ହେଉଛି। ୨୦୧୪ ମସିହାରେ ନେସ୍‌ନାଲ୍ ଲିଗାଲ୍ ସର୍ଭିସେସ୍ ଅଥରିଟି ଅଫ୍ ଇଣ୍ଡିଆ ଭର୍ସେସ୍ ୟୁନିଅନ୍ ଅଫ୍ ଇଣ୍ଡିଆ (National Legal Services Authority of India Vs. Union of India)ସର୍ବୋଚ୍ଚ ନ୍ୟାୟାଳୟରେ ଏକ ମାମଲା ଦାଖଲ କରିଥିଲେ, ଯେଉଁଥିରେ କିନ୍ନରମାନଙ୍କୁ ତୃତୀୟଲିଙ୍ଗୀର ମାନ୍ୟତା ଦେବା ପ୍ରସଙ୍ଗ ଉଲ୍ଲେଖ କରାଯାଇଥିଲା। ସେଥିରେ ବର୍ଣ୍ଣନା କରାଯାଇଥିଲା ଯେ, ପ୍ରତ୍ୟେକ ମଣିଷ ଆଇନତଃ ସମାନ ଭାବେ ବଞ୍ଚିବାର ଅଧିକାର ପାଇବା ଆବଶ୍ୟକ।

୨୦୧୯ ମସିହାରେ Joseph Shine Vs Union of India ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଘୋଷଣା କରିଥିଲେ ଯେ, ଲିଙ୍ଗଗତ ବୈଷମ୍ୟ କାରଣରୁ ଜଣେ ମହିଳାଙ୍କୁ ଅଲଗା ଭାବରେ ବ୍ୟବହାର କରିବା ଆଇନତଃ ଅପରାଧ। ପୁଣି ଆସେ ଜୁଲାଇ ୨ ତାରିଖ ୨୦୨୦ରେ ବାଲ୍ୟବିବାହର କଥା। ୟୁନାଇଟେଡ୍ ନେସନ୍‌ସ ପପୁଲେସନ୍ ଫଣ୍ଡର ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ, ପୃଥିବୀର ପ୍ରାୟ ସମସ୍ତ ଦେଶରେ ବାଲ୍ୟବିବାହକୁ ନିଷିଦ୍ଧ କରାଯାଇଥିଲେ ମଧ୍ୟ ଏବେ ବି ଦିନକୁ ପ୍ରାୟ ୩୩,୦୦୦ ବାଲ୍ୟବିବାହ ପୃଥିବୀର କୋଣ ଅନୁକୋଣରେ ସଂଘଟିତ ହେଉଛି। ଏକ ଆକଳନ ଅନୁଯାୟୀ, ବର୍ତ୍ତମାନ ମଧ୍ୟ ପ୍ରାୟ ୬୫୦ ନିୟୁତ ଝିଅ ବାଲ୍ୟବିବାହ କରି ଜୀବନଯାପନ କରୁଛନ୍ତି ଏବଂ ୨୦୩୦ ମସିହା ସୁଦ୍ଧା ପ୍ରାୟ ୧୫୦ ନିୟୁତ ଝିଅଙ୍କର ବାଲ୍ୟବିବାହ ହୋଇସାରିଥିବ। ୨୦୧୮ ମସିହା ସୁଦ୍ଧା ସମଗ୍ର ଦକ୍ଷିଣ ଏସିଆରେ ସଂଘଟିତ ବାଲ୍ୟବିବାହ ଘଟଣାର ପ୍ରାୟ ୫୦% ଭାରତରେ ହୋଇଥିଲା ଏବଂ ସେଥିମଧ୍ୟରୁ ପ୍ରାୟ ୧୮.୪୬% ବାଲ୍ୟବିହାର ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ପରିବାରରେ ହୋଇଥିଲା। ଏକ ପରିସଂଖ୍ୟାନରେ ୟୁନିସେଫ୍ ପ୍ରକାଶ କରିଛି ପ୍ରତିବର୍ଷ ଭାରତରେ ପ୍ରାୟ ୧.୫ ନିୟୁତ ୧୮ ବର୍ଷରୁ କମ୍ ଝିଅଙ୍କର ବିବାହ ହେଉଛି। ଯାହାଦ୍ୱାରା ସମଗ୍ର ବିଶ୍ୱରେ ବାଲ୍ୟବିବାହ କ୍ଷେତ୍ରରେ ତୃତୀୟ ସ୍ଥାନରେ ରହିଛି ଭାରତ। ଗତ କିଛିଦିନ ଭିତରେ ୧୫-୧୯ ବର୍ଷ ମଧ୍ୟରେ ପ୍ରାୟ ୧୬% ଝିଅଙ୍କର ବିବାହ ହୋଇଛି।

ଯେତେବେଳେ ଝିଅଙ୍କର ବିବାହ ବୟସ କିମ୍ବା ବାଲ୍ୟବିବାହକୁ ନେଇ ଆଲୋଚନା ହୋଇଛି, ସେ ସମୟରେ ଆମ ଦେଶର ଜଣେ ମହାନ ନାରୀ ନିଶ୍ଚିତ ଭାବରେ ସ୍ମରଣକୁ ଆସିଛନ୍ତି। ତା'ର କାରଣ ମଧ୍ୟ ରହିଛି। ଝିଅମାନଙ୍କର ବାଲ୍ୟବିବାହ କ୍ଷେତ୍ରରେ ଐତିହାସିକ ପଦକ୍ଷେପ ନେଇଛନ୍ତି ଏହି ନାରୀଜଣଙ୍କ। ଏଭଳି ପଦକ୍ଷେପ ନେବା ପାଇଁ ତାଙ୍କୁ ଯେ ସହଜ ହୋଇଛି ତା' ନୁହେଁ, ବହୁତ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଛି। ସେତେବେଳର ସାମାଜିକ ବ୍ୟବସ୍ଥା ଅନୁସାରେ ଏଭଳି ଏକ ବିଷୟରେ ଚିନ୍ତା କରିବା ମଧ୍ୟ ଅସମ୍ଭବ କଥା ଥିଲା; ଥିଲା ଦୁଃସାହସ, କିନ୍ତୁ ଏଭଳି ଦୁଃସାହସ କରିବାକୁ ସାହସ କରିଥିଲେ ସେ। ବହୁ ବାଧାବିଘ୍ନ, ବହୁ ଝଡ଼ଝଞ୍ଜା ଆସିଥିଲା ତାଙ୍କ ରାସ୍ତାରେ। ସାମାଜିକ ପ୍ରହାରରେ ଆକ୍ରାମାକ୍ରା ହୋଇପଡ଼ିଥିଲେ ସେ। କିନ୍ତୁ କୌଣସି ପରିସ୍ଥିତିରେ ମଧ୍ୟ ଧୈର୍ଯ୍ୟ ହରାଇ ନ ଥିଲେ। ଆଗକୁ ବଢ଼ିଥିବା ପାଦ ତାଙ୍କର ଫେରି ନ ଥିଲା ପଛକୁ। ନାରୀ ଯେତେବେଳେ କୌଣସି ପରିବର୍ତ୍ତନ ଆଣିବାର ମନୋବୃତ୍ତି ନେଇ କାମ କରିବାକୁ ବାହାରିପଡ଼େ, ସେତେବେଳେ ସେ ହୋଇଯାଏ ଦୃଢ଼। ମନରେ ଥରେ ଦୃଢ଼ତା ଆସିଗଲେ ଆଉ ଭୟ ନ ଥାଏ କି ଆଶଙ୍କା ନ ଥାଏ ମନରେ ନ ପାରିବାର। ଟିକିଏ ତଳେଇ ଦେଖିଲେ ଆମେ ସମସ୍ତେ ଗୋଟିଏ ସିଦ୍ଧାନ୍ତରେ ନିଶ୍ଚିତ ଭାବେ ଉପନୀତ ହେବା ଯେ, ଆମ ସମାଜରେ ଏଭଳି କୌଣସି ସମସ୍ୟା ନାହିଁ, ଏଭଳି କୌଣସି କୁପ୍ରଥା ନାହିଁ, କୁପରମ୍ପରା ନାହିଁ ଯାହା ମହିଳାମାନଙ୍କ ବିନା ହସ୍ତକ୍ଷେପରେ ସମାଜରୁ ଦୂରେଇଛି।

ଏ କ୍ଷେତ୍ରରେ ମଧ୍ୟ ତାହା ହିଁ ଘଟିଛି। ଏଠାରେ ଆଲୋଚିତ ଏହି ମହାନ ଭାରତୀୟ ନାରୀଜଣଙ୍କ ଥିଲେ ଜଣେ ଡାକ୍ତର। ସେ ସମୟର

ଭାରତୀୟ ସମାଜରେ ଜଣେ ପ୍ରମୁଖ ମହିଳା ଡାକ୍ତର ତଥା ନାରୀ ସ୍ୱତନ୍ତ୍ରତାର ଆଗଧାଡ଼ିର ନେତ୍ରୀ ଭାବରେ ପରିଚିତ ହେଉଥିଲେ ସେ। କେବଳ ଏତିକି ନୁହେଁ, ମହିଳା ଡାକ୍ତର ଭାବରେ ନିଜକୁ ପ୍ରତିଷ୍ଠିତ କରିବା ସହ ଇଂରେଜ ଶାସନାଧୀନ ଭାରତରେ ନିଜର ବାଲ୍ୟବିବାହ କାରଣରୁ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ୧୮୮୪ରୁ ୧୮୮୮ ମଧ୍ୟରେ ସେ ଆଇନର ଆଶ୍ରୟ ନେଇଥିଲେ। ତତ୍‌କାଳୀନ ସମୟରେ ତାଙ୍କର ଏହି କେସ୍‌ଟି ପ୍ରଚଳିତ ପ୍ରଥା ଓ ଆଇନ, ରୁଢ଼ିବାଦୀ ଚିନ୍ତାଧାରା ଓ ସାମାଜିକ ପରିବର୍ତ୍ତନ ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା ତା'ର ପ୍ରଭାବ ଉଭୟ ବ୍ରିଟିଶ ଶାସନାଧୀନ ଭାରତ ତଥା ଇଂଲଣ୍ଡରେ ମଧ୍ୟ ବେଶ୍ ପରିଲକ୍ଷିତ ହୋଇଥିଲା। ପରିଣତି ସ୍ୱରୂପ ୧୮୯୧ ମସିହାରେ ଏହା ଏଜ୍ ଅଫ୍ କନ୍‌ସେଣ୍ଟ୍ ଆକ୍ଟ (Age of Consent Act) ନାମରେ ପ୍ରବର୍ତ୍ତିତ ହୋଇଥିଲା। ଅର୍ଥାତ୍ ଝିଅଙ୍କର ସମ୍ମତିକୁ ଗୁରୁତ୍ୱ ଦିଆଯାଇଥିଲା। ତତ୍‌କାଳୀନ ସମାଜରେ ସମ୍ପୂର୍ଣ୍ଣ ଅସମ୍ଭବ ମନେହେଉଥିବା ଏହି କାମଟି ସମ୍ଭବ ହୋଇ ପାରିଥିଲା କେବଳ ଏହି ନାରୀଙ୍କର ସଂଘର୍ଷ ଯୋଗୁଁ।

୨୨ ନଭେମ୍ବର ୧୮୬୪ ମସିହାରେ ଜନ୍ମଗ୍ରହଣ କରିଥିବା ଏହି ନାରୀଜଣଙ୍କ ହେଉଛନ୍ତି '**ରୁଖ୍‌ମାବାଈ**'। ପରିବାର ଥିଲା, ଏକ ଗରିବ ବଢ଼େଇ ପରିବାର। ବାପା ଥିଲେ ଜନାର୍ଦ୍ଦନ ପଣ୍ଡୁରାଙ୍ଗ ଏବଂ ମା' ଥିଲେ ଜୟନ୍ତୀବାଈ। ଯେତେବେଳେ ତାଙ୍କ ମା'ଙ୍କୁ ମାତ୍ର ୧୭ ବର୍ଷ ଓ ତାଙ୍କୁ ମାତ୍ର ୨ ବର୍ଷ ବୟସ ହୋଇଥିଲା, ସେତେବେଳେ ବାପା ତାଙ୍କର ଇହଧାମ ଛାଡ଼ିଥିଲେ। ସ୍ୱାମୀଙ୍କ ମୃତ୍ୟୁର ୬ ବର୍ଷ ପରେ ତାଙ୍କ ମା' ଜୟନ୍ତୀବାଈ ଦ୍ୱିତୀୟଥର ବିବାହ କରିଥିଲେ, ଯାହା ଥିଲା ବିଧବା ବିବାହ। ତତ୍‌କାଳୀନ ସମୟରେ ବଢ଼େଇ ସଂପ୍ରଦାୟରେ ବିଧବା ବିବାହର ପ୍ରଚଳନ ଥିଲା। ବମ୍ବେରେ ଅବସ୍ଥାପିତ ସେ ସମୟର ଜନୈକ ପ୍ରସିଦ୍ଧ ଡାକ୍ତର ସଖାରାମ୍ ଅର୍ଜୁନ ହୋଇଥିଲେ ତାଙ୍କର ସାବତ ବାପା। ତେବେ ସଖାରାମ୍ ଅର୍ଜୁନ କେବଳ ଯେ ଜଣେ ଭଲ ଡାକ୍ତର ଥିଲେ ସେକଥା ନୁହେଁ, ସେ ଜଣେ ସମାଜସେବୀ ମଧ୍ୟ ଥିଲେ। ସେତେବେଳର ସମାଜରେ ଥିବା ସମସ୍ୟାସବୁକୁ ଦୂର କରିବା ପାଇଁ ସେ ସ୍ୱର ଉତ୍ତୋଳନ କରୁଥିଲେ। ସମାଜରେ ପ୍ରଚଳିତ କୁପ୍ରଥା ଗୁଡ଼ିକୁ ଦୂରେଇବା ପାଇଁ ନିଜର ପାରୁପର୍ଯ୍ୟନ୍ତ ଲାଗୁଥିଲେ। ମା'ଙ୍କର ଦ୍ୱିତୀୟ ବିବାହ ପରେ ରୁଖ୍‌ମାବାଈ ରହିଥିଲେ ସାବତ ବାପାଙ୍କର ତତ୍ତ୍ୱାବଧାନରେ।

ଯେତେବେଳେ ତାଙ୍କୁ ୧୧ ବର୍ଷ ବୟସ ହୋଇଥିଲା, ତାଙ୍କର ବିବାହ ହୋଇଥିଲା ଦାଦାଜୀ ଭିକାଜୀଙ୍କ ସହ। ସେତେବେଳେ ଦାଦାଜୀ ଭିକାଜୀଙ୍କୁ ହୋଇଥିଲା ୧୯ ବର୍ଷ। ଆଉ ସେ ଥିଲେ ରୁଖ୍‌ମାବାଈଙ୍କର ସାବତ ବାପାଙ୍କର ସମ୍ପର୍କୀୟ। ତେବେ ବିବାହ କରି ସ୍ୱାମୀଙ୍କ ସହିତ ଶ୍ୱଶୁରଘରକୁ ଯାଇ ନ ଥିଲେ ରୁଖ୍‌ମାବାଈ। ତାଙ୍କର ସାବତ ବାପା ସଖାରାମ୍ ଅର୍ଜୁନ ତତ୍କାଳୀନ ସାମାଜିକ ପ୍ରଥା ବିରୁଦ୍ଧରେ ଯାଇ ଝିଅ, ଜ୍ୱାଇଁଙ୍କୁ ତାଙ୍କ ନିଜ ଘରେ ରଖିଥିଲେ। ରୁଖ୍‌ମାବାଈଙ୍କ ସ୍ୱାମୀ ଦାଦାଜୀ ଭିକାଜୀ ତାଙ୍କ ଘରକୁ ଚାଲିଆସି ତାଙ୍କ ବାପା ମା'ଙ୍କ ସହ ଘରଜ୍ୱାଇଁ ଭାବରେ ତାଙ୍କ ଘରେ ରହିଥିଲେ। ଦାଦାଜୀଙ୍କର ଭରଣପୋଷଣ ତଥା ଶିକ୍ଷାଗ୍ରହଣର ସମସ୍ତ ଦାୟିତ୍ୱ ତାଙ୍କ ପରିବାର ଗ୍ରହଣ କରିଥିଲେ। ଆଉ ଏସବୁର ଏକମାତ୍ର ଉଦ୍ଦେଶ୍ୟ ଥିଲା ଏବଂ ତାଙ୍କ ବାପା ମା' ମଧ୍ୟ ଏହା ଭାବିଥିଲେ, ଯେହେତୁ ଭିକାଜୀ ତାଙ୍କର ଝିଅଙ୍କୁ ବିବାହ କରି ତାଙ୍କର ଜ୍ୱାଇଁ ହୋଇଛନ୍ତି, ତାଙ୍କୁ ଜଣେ ଭଲ ମଣିଷ ଭାବରେ ଗଢ଼ିତୋଳିବା ତାଙ୍କର ଦାୟିତ୍ୱ। ସେ ପାଠ ପଢ଼ିବା ଆବଶ୍ୟକ। କାରଣ ଜ୍ୱାଇଁ ଭିକାଜୀ ପାଠ ପଢ଼ିଲେ, ସେ ଜଣେ ଭଲ ମଣିଷ ହେବେ, ଉଚ୍ଚ ତଥା ସ୍ୱାଧୀନ ଚିନ୍ତାଧାରା ରଖିବେ, ସମାଜରେ ଚାଲିଥିବା କୁପ୍ରଥା ସବୁରୁ ଦୂରେଇ ରହି ସମାଜର ହିତ ପାଇଁ କାମ କରିବେ। ଫଳରେ ଝିଅ ତାଙ୍କର ଖୁସୀରେ ରହିବ। ସ୍ୱାଧୀନ ଚିନ୍ତାଧାରା ନେଇ କାମ କରିପାରିବ। କିନ୍ତୁ ଦୁଃଖର ବିଷୟ ଝିଅର ମଙ୍ଗଳ ନିମନ୍ତେ ବାପା ମା' ଯେଉଁଭଳି ଚିନ୍ତାଧାରା ରଖି କାମ କରିଥିଲେ, ତାହା ସଫଳ ହୋଇ ନ ଥିଲା। କାରଣ ରୁଖ୍‌ମାବାଈଙ୍କ ସ୍ୱାମୀ ଭିକାଜୀ ଥିଲେ ଅବିଶ୍ୱାସୀ ଓ ସନ୍ଦେହୀ ପ୍ରକୃତିର ଲୋକ। ମହିଳାମାନଙ୍କ ଅଗ୍ରଗତିର ଘୋର ବିରୋଧୀ ଥିଲେ ସେ। ବିବାହର ପ୍ରାୟ ୬ ମାସ ପରେ ଋତୁମତୀ ହୋଇଥିଲେ ରୁଖ୍‌ମାବାଈ। ପରେ ପରେ ସେ ଗର୍ଭବତୀ ହୋଇଥିଲେ। ଅନୁଷ୍ଠିତ ହୋଇଥିଲା ପାରମ୍ପରିକ 'ଗର୍ଭାଧାନ' ଉତ୍ସବ। କିନ୍ତୁ ଏସବୁରେ ଖୁସୀ ହୋଇ ନ ଥିଲେ ବାପା ତାଙ୍କର। ଆଦୌ ଗ୍ରହଣ କରିପାରି ନ ଥିଲେ ଏତେ କମ୍ ବୟସରେ ଝିଅର ଏଭଳି ଗର୍ଭଧାରଣକୁ। ଜଣେ ଡାକ୍ତର ହିସାବରେ ସେ ଜାଣିଥିଲେ, ଏତେ କମ୍ ବୟସରେ ଗର୍ଭଧାରଣ କଲେ ଉଭୟ ମା', ଛୁଆଙ୍କର କ୍ଷତି ସାଧିତ ହେବ। କୁପୋଷଣର ଶିକାର ହେବେ ସେମାନେ। ତେଣୁ ଜଣେ ଡାକ୍ତର ତଥା ଜଣେ ସାମାଜିକ କର୍ମୀ ଭାବରେ ପିତା ସଖାରାମ୍ ଅର୍ଜୁନ ଝିଅର ଏତେ ଶୀଘ୍ର ଗର୍ଭଧାରଣକୁ ବିରୋଧ କରିଥିଲେ।

କିନ୍ତୁ ଭଲ ଲାଗି ନ ଥିଲା ଏକଥା ୨୦ ବର୍ଷରେ ଉପନୀତ ଭିକାଜୀଙ୍କୁ। ଆଦୌ ମାନି ନେଇ ନ ଥିଲେ ସେ ଏ ବିରୋଧକୁ। ଏମିତିରେ ବି ସଖାରାମ୍ ଅର୍ଜୁନ ତାଙ୍କୁ ନିଜ ଘରେ ରଖି ପାଠ ପଢ଼ିବାର ଯେଉଁ ବ୍ୟବସ୍ଥା କରିଥିଲେ, ତାହା ମଧ୍ୟ ଗ୍ରହଣୀୟ ହେଇ ନ ଥିଲା ତାଙ୍କର। କାରଣ ବିଶ୍ୱବିଦ୍ୟାଳୟରେ ପଢ଼ିବା ବୟସରେ ସ୍କୁଲକୁ ଯାଇ ଷଷ୍ଠ ଶ୍ରେଣୀରେ ପାଠ ପଢ଼ିବା ଆଦୌ ଭଲ ଲାଗୁ ନ ଥିଲା ତାଙ୍କୁ। ସଖାରାମ୍‌ଙ୍କ ସହିତ ପରିବାରର ସମସ୍ତ ସଦସ୍ୟଙ୍କ ଉଦ୍ୟମ ସତ୍ତ୍ୱେ ପାଠପଢ଼ାରେ ମନ ଦେଇପାରୁ ନ ଥିଲେ ଭିକାଜୀ। ସେହି ସମୟ ମଧ୍ୟରେ ଭିକାଜୀଙ୍କ ମାତାଙ୍କର ଦେହାନ୍ତ ହେଲା। ଭିକାଜୀଙ୍କର ମାମୁ ଆସି ପହଞ୍ଚିଥିଲେ ତାଙ୍କୁ ତାଙ୍କ ସାଙ୍ଗରେ ନେଇଯିବା ପାଇଁ, କିନ୍ତୁ ସଖାରାମ୍ ତାଙ୍କୁ ଯିବା ପାଇଁ ଛାଡ଼ି ନ ଥିଲେ। ବିରୋଧ କରିଥିଲେ ଏ କଥାର। କାରଣ ସେ ଜାଣିଥିଲେ ତାଙ୍କ ଘର ଛାଡ଼ି ମାମୁଘରକୁ ଗଲେ ଭିକାଜୀ ଆଦୌ ପାଠ ପଢ଼ିବେ ନାହିଁ। ଅଗ୍ରଗତି ହେବା ଅପେକ୍ଷା ଅଧୋଗତି ହେବ ତାଙ୍କର। କିନ୍ତୁ ସଖାରାମ୍‌ଙ୍କର ସମସ୍ତ ବିରୋଧ ସତ୍ତ୍ୱେ ଭିକାଜୀଙ୍କ ମାମୁ ନାରାୟଣ ଧୁର୍ମାଜୀ, ଭିକାଜୀଙ୍କୁ ତାଙ୍କ ଘରକୁ ନେଇଯାଇଥିଲେ। ସଖାରାମ୍ ଯାହା ଭାବିଥିଲେ ତାହା ହିଁ ଘଟିଥିଲା। ନାରାୟଣ ଧୁର୍ମାଜୀଙ୍କ ଘରର ପରିବେଶ ଭିକାଜୀଙ୍କୁ ଆହୁରି ଅଧୋଗତି ଆଡ଼କୁ ଟାଣିନେଲା। ଜିଦ୍ ଧରି ବସିଲେ ସେ ପତ୍ନୀ ରୁଖ୍‌ମାବାଈଙ୍କୁ ତାଙ୍କ ନିକଟକୁ ନେବା ପାଇଁ। କେବଳ ସେତିକି ନୁହେଁ, ସେ ତାଙ୍କ ପତ୍ନୀଙ୍କୁ ତାଙ୍କ ନିକଟରେ ଯାଇ ରହିବା ପାଇଁ ବାଧ୍ୟ କରିବା ସହ ତାଙ୍କ ସମ୍ପତ୍ତିରୁ ମଧ୍ୟ ଭାଗ ଚାହିଁଥିଲେ। କିନ୍ତୁ ସ୍ୱାମୀଙ୍କର ଏଭଳି ନିଷ୍ପତ୍ତିକୁ ଗ୍ରହଣ କରିପାରି ନ ଥିଲେ ରୁଖ୍‌ମାବାଈ। ଆଦୌ ମାନିନେଇ ପାରି ନ ଥିଲେ ସ୍ୱାମୀଙ୍କର ଇଚ୍ଛାକୁ। ଏଣୁ ସ୍ୱାମୀଙ୍କର ଏଭଳି ନିଷ୍ପତ୍ତିକୁ ବିରୋଧ କରିଥିଲେ ସେ। ଆଇନର ଆଶ୍ରୟ ମଧ୍ୟ ନେଇଥିଲେ। ଅବଶ୍ୟ ତାଙ୍କର ଏଭଳି କାମକୁ ପୂର୍ଣ୍ଣ ସମର୍ଥନ କରିଥିଲେ ତାଙ୍କର ସାବତ ବାପା ସଖାରାମ୍। ସେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ଏଥିରେ। କାରଣ ରୁଖ୍‌ମାବାଈଙ୍କ ବାପା ନିଜେ ଜଣେ ଡାକ୍ତର ହିସାବରେ ବୁଝିଥିଲେ ଯେ, ଜଣେ ମହିଳାଙ୍କୁ ତାଙ୍କର ଇଚ୍ଛା ବିରୁଦ୍ଧରେ

ବୈବାହିକ ବନ୍ଧନରେ ଜୋର୍ ଜବରଦସ୍ତ ରଖାଯାଇ ପାରିବ ନାହିଁ। ତେଣୁ ଦୀର୍ଘ ତିନି ବର୍ଷ ଧରି ଚାଲିଥିବା ଏହି ଆଇନ ଯୁଦ୍ଧରେ ସେ ରୁଖ୍ମାବାଈଙ୍କର ମନୋବଳ ବଢ଼ାଇଥିଲେ।

ସେହିବର୍ଷ ରୁଖମାବାଈ ଫ୍ରେଞ୍ଚ୍ ଚର୍ଚ୍ଚ ମିଶନ ଲାଇବ୍ରେରିରୁ ବିଭିନ୍ନ ବହି ଆଣି ସେଗୁଡ଼ିକୁ ପଢ଼ାପଢ଼ି କରି ଘରେ ନିଜର ପାଠପଢ଼ା ଜାରି ରଖିଥିଲେ। ବାପା ସଖାରାମ୍ ଜଣେ ସମାଜ ସଂସ୍କାରକ ଥିବାରୁ ସେ ବିଶିଷ୍ଟ ସଙ୍ଗଠକ ତଥା ସମାଜ ସଂସ୍କାରକ ବିଷ୍ଣୁଶାସ୍ତ୍ରୀ ପଣ୍ଡିତଙ୍କର ସଂସ୍ପର୍ଶରେ ଆସିବା ସହ ୟୁରୋପର ବହୁ ଉଚ୍ଚଶିକ୍ଷିତ ପୁରୁଷ ଓ ମହିଳାମାନଙ୍କ ସଂସ୍ପର୍ଶରେ ମଧ୍ୟ ଆସିଥିଲେ। ତା'ର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା। ସେ ସୁଯୋଗ ପାଉଥିଲେ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ମିଶିବା ପାଇଁ। ନିୟମିତ ଭାବରେ ନିଜ ମା'ଙ୍କ ସହିତ ପ୍ରାର୍ଥନା ସମାଜ ଓ ଆର୍ଯ୍ୟ ମହିଳା ସମାଜର ସମାବେଶକୁ ଯାଉଥିଲେ ସେ।

ରୁଖ୍ମାବାଈ ଏସବୁରେ ବ୍ୟସ୍ତ ରହିବା ଭିତରେ ଚୁପ୍ ହୋଇ ବସି ନ ଥିଲେ କିନ୍ତୁ ସ୍ୱାମୀ ତାଙ୍କର। ୧୮୮୪ ମସିହା ମାର୍ଚ୍ଚ ମାସରେ ସଖାରାମ୍ ଅର୍ଜୁନଙ୍କୁ ନିଜ ଓକିଲ ଚକ୍ ଓ ୱାକରଙ୍କ ମାଧ୍ୟମରେ ଏକ ଆଇନଗତ ନୋଟିସ ପଠାଇଥିଲେ ଭିକାଜୀ। ତାଙ୍କ ବିରୁଦ୍ଧରେ ଅଭିଯୋଗ ଥିଲା ଯେ- ସଖାରାମ୍, ଯିଏକି ତାଙ୍କ ପତ୍ନୀଙ୍କର ସାବତ ବାପା, ତାଙ୍କୁ ତାଙ୍କ ପତ୍ନୀଙ୍କଠାରୁ ଦୂରେଇ ରଖୁଛନ୍ତି। ଏହାର ପ୍ରତ୍ୟୁତ୍ତରରେ ସଖାରାମ୍ ଅର୍ଜୁନ ନିଜ ଓକିଲ ପେନେ-ଗିଲ୍‌ବର୍ଟ ଓ ସୟାନିଙ୍କ ମାଧ୍ୟମରେ ଝିଅ ତରଫରୁ ମତାମତ ରଖିଥିଲେ।

୧୮୮୫ ମସିହାରେ ଭିକାଜୀଙ୍କର ଏହି ଦାମ୍ପତ୍ୟ ସମ୍ବନ୍ଧିତ 'ରେଷ୍ଟିଟ୍ୟୁସନ୍ ଅଫ୍ କନ୍‌ଜୁଗାଲ ରାଇଟ୍' (Restitution of Conjugal Rights) ମାମଲାଟି 'ଭିକାଜୀ ବନାମ ରୁଖ୍ମାବାଈ' ନାମରେ ଅଦାଲତରେ ଶୁଣାଣି ଆରମ୍ଭ ହୋଇଥିଲା। ଆଉ ଏହି ମାମଲାର ଶୁଣାଣି ଆରମ୍ଭ କରିଥିଲେ ଜଷ୍ଟିସ୍ ରବର୍ଟହିଲ୍ ପିନ୍‌ହେ। ତାଙ୍କ ବିଚାର ଅନୁଯାୟୀ ଇଂରେଜ ନିୟମ ଅନୁସାରେ ଜଣେ ସାବାଳକକୁ ନିଜ ଇଚ୍ଛା ବିରୁଦ୍ଧରେ କାହା ପାଖରେ ରହିବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ। ସେ ଇଂରେଜ ନିୟମ ଓ ଭାରତୀୟ ହିନ୍ଦୁ ନିୟମ ମଧ୍ୟରେ ପ୍ରଭେଦକୁ ଅନୁଭବ କରି ଘୋଷଣା କରିଥିଲେ, ''ରୁଖ୍ମାବାଈଙ୍କର ଅବୋଧ ବାଳିକା ବୟସରେ ବିବାହ ହୋଇଥିଲା, ତେଣୁ ତାଙ୍କୁ ତାଙ୍କ ସ୍ୱାମୀଙ୍କ ନିକଟକୁ ଯିବା ପାଇଁ ବାଧ୍ୟ କରାଯାଇ ପାରିବ ନାହିଁ।''

ଏହି ଶୁଣାଣିର ଅଳ୍ପଦିନ ପରେ ଅବସର ଗ୍ରହଣ କରିଥିଲେ ଜଷ୍ଟିସ୍ ପିନ୍‌ହେ।

ତେବେ ସେତିକିରେ ସରି ନ ଥିଲା କିନ୍ତୁ ଏ କେସ୍।

୧୮୮୬ ମସିହାରେ ଏହି କେସ୍‌ର ପରବର୍ତ୍ତୀ ଶୁଣାଣି ଆରମ୍ଭ ହୋଇଥିଲା।

ଜେ.ଡି ଇନ୍‌ଭରାରିଟି ଜୁନିଅର ଓ କାଶିନାଥ ତ୍ରିମ୍ବାକ୍ ତେଲାଙ୍ଗଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା ଏହାର ଶୁଣାଣି। ସେତେବେଳେ ଏହି କେସ୍‌କୁ ନେଇ ଭାରତୀୟ ସମାଜରେ ଅନେକ ତମ୍ବିତୋଫାନ ମଧ୍ୟ ସୃଷ୍ଟି ହୋଇଥିଲା। କେହି କେହି ମତ ଦେଇଥିଲେ, ଏହା ହିନ୍ଦୁମାନଙ୍କର ନୈତିକତା ଓ ସାଂସ୍କୃତିକ ଚେତନାକୁ ଆଘାତ କରୁଛି। ବିଶେଷକରି ପିନ୍‌ହେଙ୍କ ନିଷ୍ପତ୍ତିକୁ ବିରୋଧ କରି ଏକ ଆଙ୍ଗ୍ଲୋ-ମରାଠୀ ସାପ୍ତାହିକୀରେ ଏ ସମ୍ପର୍କରେ ଅନେକ ସମାଲୋଚନା ପ୍ରକାଶ ପାଇଥିଲା, ଆଉ ସେହି ଆଙ୍ଗ୍ଲୋ-ମରାଠୀ ସାପ୍ତାହିକୀଟି (୧୮୩୩-୧୮୮୯) ଭିକାଜୀଙ୍କର ଜଣେ ସମର୍ଥକ ବିଶ୍ୱନାଥ ନାରାୟଣ ମଣ୍ଡଲିକ୍‌ଙ୍କ ତତ୍ତ୍ୱାବଧାନରେ ପ୍ରକାଶ ପାଉଥିଲା।

ପୁନେର ଏକ ସାପ୍ତାହିକୀ, 'ଦ ମରାଠା' ବାଲ୍‌ଗଙ୍ଗାଧର ତିଲକ୍‌ଙ୍କ ଦ୍ୱାରା ପ୍ରକାଶିତ ହେଉଥିଲା। ସେଥିରେ ସେ ଜଷ୍ଟିସ୍ ପିନ୍‌ହେଙ୍କୁ ସମାଲୋଚନା କରି ଲେଖିଥିଲେ ଯେ, ''ପିନ୍‌ହେଙ୍କର ହିନ୍ଦୁ ସଂସ୍କୃତି ଉପରେ କୌଣସି ଧାରଣା ନ ଥାଇ ଏଭଳି ନିଷ୍ପତ୍ତି ଦେବା ଉଚିତ ହୋଇନାହିଁ।'' ତେବେ ଯେତେବେଳେ ପିନ୍‌ହେଙ୍କ ବିରୁଦ୍ଧରେ ଏଭଳି ଲେଖାଯାଉଥିଲା, ସେତେବେଳେ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ଏହି ଘଟଣାକୁ ନେଇ ଲୋକମତ ସମ୍ପର୍କୀୟ କେତୋଟି ସମାଲୋଚନାଧର୍ମୀ ଲେଖା ଛଦ୍ମନାମରେ ପ୍ରକାଶ ପାଇଥିଲା। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଏସବୁ ଲେଖା ରୁଖ୍ମାବାଈଙ୍କ ଦ୍ୱାରା ହିଁ ଲେଖାଯାଇଥିଲା। 'ହିନ୍ଦୁ ନିୟମ ବନାମ ଇଂରେଜ ନିୟମ'କୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅନେକ ଅସନ୍ତୋଷ ଦେଖାଦେଇଥିଲା ଏବଂ ଅନେକ ସମାଲୋଚନା ପ୍ରକାଶ ପାଇଥିଲା। ଏହି କେସ୍‌ର ଶୁଣାଣି ୧୮୮୬ ମାର୍ଚ୍ଚ ୧୮ ତାରିଖରେ ଚିଫ୍ ଜଷ୍ଟିସ୍ ସାର୍ ଚାର୍ଲସ୍ ସରଜେଣ୍ଟ୍ ଓ ଜଷ୍ଟିସ୍ ଏଲ୍. ଏଚ୍ ବେଲିଙ୍କ ଦ୍ୱାରା ହୋଇଥିଲା। ଆଇନ ରୁଖ୍ମାବାଈଙ୍କ ସ୍ୱାମୀଙ୍କ ସପକ୍ଷରେ ଯାଇଥିଲା। ରୁଖ୍ମାବାଈଙ୍କୁ ନିଜ ସ୍ୱାମୀଙ୍କ ସହ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୋର୍ଟ ଆହୁରି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ, ଯଦି କୋର୍ଟର ନିର୍ଦ୍ଦେଶ ଅମାନ୍ୟ କରି ରୁଖ୍ମାବାଈ ସ୍ୱାମୀଙ୍କ ସହିତ ନ ରହିବେ ତେବେ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ। ୪ ମାର୍ଚ୍ଚ ୧୮୮୭ରେ ଜଷ୍ଟିସ୍ ଫାରାନ୍ ହିନ୍ଦୁ ବିବାହ ନିୟମ ଆଧାରରେ ରାୟ ଶୁଣାଇଥିଲେ। ସେଇଟି ଥିଲା, ରୁଖ୍ମାବାଈ ତାଙ୍କ ସ୍ୱାମୀଙ୍କ ସହିତ ରହିବେ। ନଚେତ୍ ତାଙ୍କୁ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ପଡ଼ିବ।

ଭାଙ୍ଗି ପଡ଼ି ନ ଥିଲେ ସେ କିନ୍ତୁ ଏ ରାୟ ଶୁଣି। ନିରବରେ ମଥାପାତି ଗ୍ରହଣ କରି ନେଇ ନ ଥିଲେ କୋର୍ଟର ନିଷ୍ପତ୍ତିକୁ। ପ୍ରତ୍ୟୁତ୍ତର ଦେଇଥିଲେ ସେ। ଦୃଢ଼ମନା ରୁଖ୍ମାବାଈ କହିଥିଲେ, ''ଏଭଳି ପରିସ୍ଥିତିରେ ଜେଲଦଣ୍ଡ ଭୋଗିବାକୁ ଶ୍ରେୟ ମଣିବି ମୁଁ।''

ପରବର୍ତ୍ତୀ ସମୟରେ ଏହି ଘଟଣାକୁ ନେଇ ଅନେକ ଦ୍ୱନ୍ଦ୍ୱ ଉତ୍ପନ୍ନ ହୋଇଥିଲା। ଏ ସମ୍ପର୍କରେ ବାଲ୍‌ଗଙ୍ଗାଧର ତିଲକ୍ ନିଜର 'କେଶରୀ' ପତ୍ରିକାରେ ପ୍ରକାଶ କରିଥିଲେ, ''ରୁଖ୍ମାବାଈଙ୍କର ଏ ଲଢ଼େଇ କେବଳ ମାତ୍ର ଇଂରାଜୀ ଶିକ୍ଷାର ଫଳାଫଳ, ଏହା ହିନ୍ଦୁ ସଂସ୍କୃତିକୁ ବିପଦମୁଖୀ କରାଉଛି।'' ଅପରପକ୍ଷରେ ମାକ୍ସ ମୁଲର ଏହାର ବିରୋଧ କରି ଲେଖିଥିଲେ, ''ଆଇନଗତ ପଦକ୍ଷେପ ରୁଖ୍ମାବାଈଙ୍କ ସମସ୍ୟାର ସମାଧାନ ନୁହେଁ ବରଂ ତାଙ୍କର ଶିକ୍ଷା ତାଙ୍କୁ ନିଜ ଜୀବନ ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁସାହାଯ୍ୟ କରିଛି।''

ତାଙ୍କର ଏହି କେସ୍‌ର ଶୁଣାଣି କୋର୍ଟରେ ଦୀର୍ଘଦିନ ପର୍ଯ୍ୟନ୍ତ ଚାଲିବା ପରେ ରାଣୀ ଭିକ୍ଟୋରିଆଙ୍କ ନିକଟରେ ନିଜର ସମସ୍ୟା ଉପସ୍ଥାପନ କରିଥିଲେ ରୁଖ୍ମାବାଈ। ରାଣୀ ଭିକ୍ଟୋରିଆଙ୍କୁ ସେ ଲେଖିଥିଲେ-

''ମହାରାଣୀ! ସର୍ବସାଧାରଣରେ ଏହା ବିଚାର କରାଯାଉଛି ଯେ- ଭଗବାନଙ୍କ ଦୟାରୁ ଆମେ ଆମର ପ୍ରିୟ ରାଣୀ ଭିକ୍ଟୋରିଆଙ୍କ ନିର୍ଭୟ ଆଶ୍ରୟରେ ରହିଛୁ। ଆଉ ସାରା ବିଶ୍ୱରେ ନିଜର ନିରପେକ୍ଷ ସ୍ୱଚ୍ଛ ଶାସନ ପାଇଁ ସୁପରିଚିତ ମହାରାଣୀ ଆମର। ଯଦି ଏଭଳି ସରକାର, ଆମ ପରି ଅତ୍ୟାଚାରିତା, ନିଷ୍ପେଷିତା, ହିନ୍ଦୁ ମହିଳାମାନଙ୍କୁ ମୁକ୍ତି ଦେଇ ନ ପାରିବେ ତା'ହେଲେ କ'ଣ କରାଯିବ! ରାଣୀଙ୍କର ଶାସନର

୫୦ ବର୍ଷ ପୂର୍ତ୍ତି ଅବସରରେ ତାଙ୍କ ଶାସନାଧୀନ ପ୍ରତ୍ୟେକ ଗାଁ ତଥା ପ୍ରତ୍ୟେକ ସହରର ବାସିନ୍ଦା ଅତ୍ୟନ୍ତ ଆନନ୍ଦର ସହ ତାଙ୍କର ମଙ୍ଗଳ ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି। ଈଶ୍ୱରଙ୍କ ନିକଟରେ ତାଙ୍କର ମାତୃସମା ରାଣୀଙ୍କର ଦୀର୍ଘଜୀବନ କାମନା କରୁଛନ୍ତି। ଆପଣ ଶାନ୍ତି ଓ ଉନ୍ନତିର ସହ ଶାସନ ପରିଚାଳନା କରନ୍ତୁ ବୋଲି ସମସ୍ତେ ପ୍ରାର୍ଥନା ରଖିଛନ୍ତି ଈଶ୍ୱରଙ୍କ ନିକଟରେ। ଆମ ସମାଜର ତଥା ମୋର ଏଭଳି ଏକ ପରିସ୍ଥିତିରେ ମାତୃସମା ରାଣୀ କିଛି ସମୟ ଦେଇପାରିବେ କି? ମୋ ଭଳି ଅୟୁତ ଭାରତୀୟ ଝିଅମାନଙ୍କର ନିବେଦନ ଶୁଣିବେ ଆପଣ, ଏ ବିଶ୍ୱାସ ମୋର ଅଛି। ତତ୍‌ସହିତ ହିନ୍ଦୁ ବିବାହ ନିୟମରେ ଝିଅ ଓ ପୁଅମାନଙ୍କ ପାଇଁ ଯେଉଁ ବୟସ ସ୍ଥିର କରାଯାଇଛି ଏବଂ ଏହା ବିରୋଧରେ ଯେଉଁ ସ୍ୱର ଉଠିଛି ସେ ସମ୍ପର୍କିତ ମାମଲା ନ୍ୟାୟାଳୟକୁ ଆସିଲେ ଏହି ବିବାହ ଆଇନକୁ ବଦଳାଇବା ପାଇଁ ସମ୍ମତି ଦେବେ। ଏଇ କେତୋଟି ବାକ୍ୟରୁ ବୁଝିପାରୁଥିବେ ଆପଣ ଆମ ଭାରତୀୟ ସମାଜରେ ବାଲ୍ୟବିବାହକୁ ନେଇ ଝିଅମାନେ ଭୋଗ କରୁଥିବା ଅକଥ୍ୟ ଯନ୍ତ୍ରଣାକୁ। ଆପଣ ଅନୁମତି ଦେଲେ ତ ହିନ୍ଦୁ ବିବାହ ନିୟମରେ ଏହି ସାମାନ୍ୟ ପରିବର୍ତ୍ତନ କରାଯାଇ ପାରିବ। ଆଉ ଆପଣଙ୍କ ଶାସନର ୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ହିନ୍ଦୁ ମହିଳାମାନଙ୍କ ପାଇଁ ଏହା ହେବ ସବୁଠାରୁ ବଡ଼ ଉପହାର। ଭଗବାନ ଚାହିଁଲେ ଏହା ଗୋଟିଏ ଦିନରେ ସମ୍ଭବ ହୋଇପାରିବ। ତାଙ୍କର କୃପା ବିନା ସବୁ ଚେଷ୍ଟା ବିଫଳ। ହେ ମହାମହିମ ସାମ୍ରାଜ୍ଞୀ, ମୁଁ ଆପଣଙ୍କର ବହୁମୂଲ୍ୟ ସମୟ ନେଇଥିବାରୁ ମୋତେ କ୍ଷମା କରିବେ। ଅନେକ ଅନେକ ଶୁଭେଚ୍ଛା ସହ ଆପଣଙ୍କର ବିଶ୍ୱସ୍ତ - ରୁଖ୍‌ମାବାଈ।''

ଏହା ୧୮୮୭ ମସିହା ୧୫ ଜୁଲାଇରେ ରୁଖ୍‌ମାବାଈଙ୍କର ଭାରତ ସରକାରଙ୍କୁ ଆବେଦନ ଭାବରେ ଦୈନିକ ଟେଲିଗ୍ରାଫ୍‌ରେ ପ୍ରକାଶ ପାଇଥିଲା। ଏହି ମର୍ମସ୍ପର୍ଶୀ ଘଟଣାଟି ଦୃଷ୍ଟିକୁ ଆସିଥିଲା ରାଣୀ ଭିକ୍ଟୋରିଆଙ୍କର। ସେ ଏହି ଘଟଣାରେ ହସ୍ତକ୍ଷେପ କରିଥିଲେ। ପରବର୍ତ୍ତୀ ସମୟରେ ରାଣୀ ଭିକ୍ଟୋରିଆ ଏହି ଶୁଣାଣିରେ ହସ୍ତକ୍ଷେପ କରି କୋର୍ଟର ଆଦେଶକୁ ବରଖାସ୍ତ କରିଥିଲେ ଓ ବିବାହକୁ ଅସିଦ୍ଧ ଘୋଷଣା କରିଥିଲେ। ଏପରିକି କୌଣସି ପ୍ରମାଣ ବା ଦସ୍ତାବିଜ ରାଣୀ ଭିକ୍ଟୋରିଆଙ୍କର ଏହି ହସ୍ତକ୍ଷେପ ଆଗରେ ଉପସ୍ଥାପିତ କରାଯାଇ ନ ଥିଲା।

୧୮୮୮ ମସିହାରେ ଭିକାଜୀଙ୍କ ନିକଟରେ ଆପୋଷ ସମାଧାନର ଦସ୍ତାବିଜ ଉପସ୍ଥିତ ହୋଇଥିଲା ଓ ସେ ରୁଖ୍‌ମାବାଈଙ୍କଠାରୁ ଯେଉଁ ୨୦୦୦ ଟଙ୍କା ଦାବି କରୁଥିଲେ, ସେହି ଦାବିକୁ ସେ ବର୍ଜନ କରିଥିଲେ। ୧୮୮୯ରେ ଭିକାଜୀ ଦ୍ୱିତୀୟ ବିବାହ କରିଥିଲେ ଓ ରୁଖ୍‌ମାବାଈ ନିଜର ଡାକ୍ତରୀ ପାଠକୁ ଜାରି ରଖିବା ସହ ନାରୀ ସଚେତନାମୂଳକ କାର୍ଯ୍ୟରେ ଆହୁରି ସକ୍ରିୟ ହୋଇଥିଲେ।

ଏହି ଘଟଣାଟି ଉଭୟ ଇଂଲଣ୍ଡ ଓ ଭାରତରେ ଚହଳ ପକାଇଥିଲା। କେତେଗୁଡ଼ିଏ ବ୍ରିଟିଶ ମହିଳା ପତ୍ରିକା, ତଥା ନାରୀ ସ୍ୱାଧିକାର ଚର୍ଚ୍ଚା ପ୍ରସଙ୍ଗରେ ବେହେରାମ୍‌ଜୀ ମାଲବାରି (୧୮୫୩-୧୯୧୨), ବାଲ୍‌ଗଙ୍ଗାଧର ତିଲକ୍‌ଙ୍କ ପରି ବିଶିଷ୍ଟ ଲେଖକ, ସମାଜ ସଙ୍ଗଠକ ଏ ସମ୍ପର୍କରେ ଅନେକ ଲେଖା ପ୍ରକାଶ କରିଥିଲେ। ଫଳସ୍ୱରୂପ ରୁଖ୍‌ମାବାଈଙ୍କ ଘଟଣାଟି ଆହୁରି ଲୋକଲୋଚନକୁ ଆସିପାରିଥିଲା ଏବଂ ଇଂରେଜ ଶାସନାଧୀନ ଭାରତରେ ବିବାହ ସମ୍ମତି ନିମନ୍ତେ ବୟସ ୧୦ରୁ ୧୨ ବର୍ଷକୁ ବଢ଼ିଥିଲା।

ସେତେବେଳେ କାମା ହସ୍‌ପିଟାଲ୍‌ରେ କାର୍ଯ୍ୟରତ ଥିଲେ ଡାକ୍ତର ଏଡିଥ୍ ପେଚେ। ରୁଖ୍‌ମାବାଈଙ୍କ କାର୍ଯ୍ୟକଳାପ ଦୃଷ୍ଟି ଆକର୍ଷଣ କରିଥିଲା ତାଙ୍କର। ପସନ୍ଦ କରୁଥିଲେ ସେ ତାଙ୍କୁ। ମାନସିକ ସ୍ତରରେ ସମସ୍ତ ସହଯୋଗ କରିଥିଲେ ସେ ରୁଖ୍‌ମାବାଈଙ୍କୁ। ଉତ୍ସାହିତ କରିଥିଲେ ତାଙ୍କୁ ଉଚ୍ଚଶିକ୍ଷା ପାଇଁ, ତାଙ୍କ କାମରେ ଆଗକୁ ବଢ଼ିବା ପାଇଁ। ଡାକ୍ତର ପେଚେ ରୁଖ୍‌ମାବାଈଙ୍କୁ କେବଳ ଯେ ମାନସିକ ସ୍ତରରେ ଉତ୍ସାହିତ କରିଥିଲେ ତା' ନୁହେଁ, ରୁଖ୍‌ମାବାଈଙ୍କର ଉଚ୍ଚଶିକ୍ଷା ପାଇଁ ସେ ନିଜେ ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ସହିତ ଅନ୍ୟମାନଙ୍କ ନିକଟରୁ ଆର୍ଥିକ ସହାୟତା ଯୋଗାଡ଼ କରିବା ପାଇଁ ବହୁ ଉପାୟ କରିଥିଲେ। ତତ୍‌ସହିତ ଅନ୍ୟମାନେ ମଧ୍ୟ ସହଯୋଗ କରିଥିଲେ ରୁଖ୍‌ମାବାଈଙ୍କୁ। ସେମାନଙ୍କ ମଧ୍ୟରେ ଶିବାଜୀରାଓ ହୋଲ୍‌କର, ''ପ୍ରଚଳିତ ପାରମ୍ପରିକ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ'' ପାଇଁ ଅର୍ଥ ଦାନ କରିଥିଲେ। ସାମାଜିକ କର୍ମୀ ଇଭା ମ୍ୟାକ୍‌ଲରେନ୍, ୱାଲ୍‌ଟର ମ୍ୟାକ୍‌ଲରେନ୍, ଆଡିଲେଡ୍ ମ୍ୟାନିଂ ଏବଂ ଅନ୍ୟାନ୍ୟ ଅନେକଙ୍କ ସାହାଯ୍ୟ ସହଯୋଗରେ ଗଠିତ ହୋଇଥିଲା 'ଦ ରୁଖ୍‌ମାବାଈ ଡିଫେନ୍‌ସ କମିଟି' (The Rukhmabai Defence Committee)। ଏହି କମିଟି ଗଠନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରୁଖ୍‌ମାବାଈଙ୍କର ଉଚ୍ଚଶିକ୍ଷା ପାଇଁ ଅର୍ଥ ଯୋଗାଡ଼ କରିବା। ତାହା ହୋଇଥିଲା ମଧ୍ୟ। ଏହି କମିଟି ଜରିଆରେ ଯୋଗାଡ଼ କରାଯାଇଥିବା ଅର୍ଥ ରୁଖ୍‌ମାବାଈଙ୍କୁ ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ କରିଥିଲା। ୧୮୮୮ ମସିହାରେ ଭିକାଜୀଙ୍କ ସହିତ ବିବାହ ବିଚ୍ଛେଦ ପରେ ମେଡିସିନ୍ ବିଭାଗରେ ଡାକ୍ତରୀ ପଢ଼ିବା ପାଇଁ ଇଂଲଣ୍ଡ ଯାତ୍ରା କରିଥିଲେ ରୁଖ୍‌ମାବାଈ।

୧୮୯୪ ମସିହାରେ ରୁଖ୍‌ମାବାଈ ଲଣ୍ଡନର 'ଲଣ୍ଡନ ସ୍କୁଲ୍ ଅଫ୍ ମେଡିସିନ୍ ଫର୍ ଓମେନ୍'ରୁ ମେଡିସିନ୍ ବିଭାଗରେ ନିଜର ଶିକ୍ଷା ସମାପ୍ତ କରିଥିଲେ। ଏହା ସହ ସେ ରୟାଲ ଫ୍ରି ହସ୍‌ପିଟାଲ୍‌ରେ ମଧ୍ୟ ଶିକ୍ଷା ଗ୍ରହଣ କରିଥିଲେ। ୧୮୮୬ ମସିହାରେ ଡ. କାଦମ୍ବିନୀ ଗାଙ୍ଗୁଲୀ ଓ ଆନନ୍ଦୀ ଗୋପାଳ ଯୋଶୀ ଭାରତର ପ୍ରଥମ ମହିଳା ଡାକ୍ତର ହେବାର ଗୌରବ ଅର୍ଜନ କରିଥିଲେ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ଡ. କାଦମ୍ବିନୀ ଗାଙ୍ଗୁଲୀ ହିଁ ନିଜକୁ ସେବା କାର୍ଯ୍ୟରେ ନିୟୋଜିତ କରି ପାରିଥିଲେ। ତାଙ୍କ ପରେ ରୁଖ୍‌ମାବାଈ ଦ୍ୱିତୀୟ ମହିଳା ଡାକ୍ତର ଭାବରେ ଲୋକମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ।

୧୮୯୫ ମସିହାରେ ନିଜର ଶିକ୍ଷା ସମାପ୍ତ କରି ଭାରତକୁ ଫେରିଆସିଥିଲେ ରୁଖ୍‌ମାବାଈ ଏବଂ ଚିଫ୍ ମେଡିକାଲ୍ ଅଫିସର ଭାବରେ ସୁରତ୍‌ର 'ଓମେନ୍‌ସ ହସ୍‌ପିଟାଲ୍'ରେ ଯୋଗ ଦେଇଥିଲେ। ୧୯୧୮ ମସିହାରେ ରାଜ୍‌କୋଟ୍‌ଠାରେ ଅବସ୍ଥାପିତ ରାଜ୍ୟ ମୁଖ୍ୟ ମହିଳା ହସ୍‌ପିଟାଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ଦାୟିତ୍ୱ ଗ୍ରହଣ କରିବାର ସୁଯୋଗ ମିଳିଥିଲା ତାଙ୍କୁ। କିନ୍ତୁ ଗ୍ରହଣ କରି ନ ଥିଲେ ସେ। ପ୍ରତ୍ୟାଖ୍ୟାନ କରିଥିଲେ ସେ ଏଭଳି ଏକ ପଦବିକୁ। ତା' ଅପେକ୍ଷା ରାଜ୍‌କୋଟ୍ ହସ୍‌ପିଟାଲ୍‌ରେ ମହିଳାଙ୍କ ସହିତ କାମ କରିବା ପାଇଁ ପସନ୍ଦ କରିଥିଲେ ସେ। ୧୯୨୯ ମସିହା, ତାଙ୍କର ଅବସର ଗ୍ରହଣ ପର୍ଯ୍ୟନ୍ତ ସୁରତ୍‌ଠାରେ ହିଁ କାର୍ଯ୍ୟରତ ଥିଲେ ସେ। ରାଜ୍‌କୋଟ୍‌ରେ ସେ ରେଡ୍‌କ୍ରସ୍‌ର ସ୍ଥାପନା କରିବା ସହ, ଅବସର ଗ୍ରହଣ କରିବା ପରେ ବମ୍ବେଠାରେ ଅବସ୍ଥାପିତ ହୋଇଥିଲେ। ପ୍ରାୟ ୩୫ ବର୍ଷ

ଧରି ସେ ସୁରତ୍, ରାଜ୍‌କୋଟ୍ ଓ ବମ୍ବେରେ ନିଜକୁ ସେବାକାର୍ଯ୍ୟରେ ନିୟୋଜିତ କରିଥିଲେ।

୧୯୦୪ ମସିହାରେ ଭିକାଜୀଙ୍କ ମୃତ୍ୟୁ ପରେ ହିନ୍ଦୁ ନିୟମ ଅନୁଯାୟୀ ରୁଖ୍‌ମାବାଈ ଧଳାପୋଷାକ ପିନ୍ଧିଥିଲେ। ୧୯୨୯ରେ ଅବସର ଗ୍ରହଣ କରିବା ପରେ ସେ 'ପର୍ଦା' ନାମକ ଏକ କ୍ଷୁଦ୍ର ପୁସ୍ତିକା ପ୍ରକାଶ କରିଥିଲେ। ଭାରତୀୟ ସାମାଜିକ ବ୍ୟବସ୍ଥାରେ ବିଧବା ମହିଳାମାନଙ୍କର ଯୋଗଦାନ ଓ ଏହାର ବିରୋଧ ସମ୍ପର୍କରେ ଏହି ପୁସ୍ତିକାଟିରେ ଲେଖା ପ୍ରକାଶ ପାଉଥିଲା।

ଯେଉଁ ସମୟରେ ଭାରତୀୟ ମହିଳାମାନଙ୍କର ମୁହଁଖୋଲି କଥା କହିବାର ଅଧିକାର ବି ନ ଥିଲା, ସେଭଳି ଏକ ସମୟରେ ଏହି ମହାନ ନାରୀ ରୁଖ୍‌ମାବାଈ ଅସମ୍ଭବକୁ ସମ୍ଭବ କରି ଦେଖାଇଥିଲେ। ଅବିଶ୍ୱାସୀ, ସନ୍ଦେହୀ, ମହିଳା ଶିକ୍ଷା ଓ ମହିଳାମାନଙ୍କର ଅଗ୍ରଗତିର ଘୋର ବିରୋଧୀ ସ୍ୱାମୀଙ୍କ ଯୋଗୁଁ ବହୁ ହଇରାଣ ହେବାକୁ ପଡ଼ିଥିଲା ତାଙ୍କୁ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତିସମ୍ପନ୍ନା ରୁଖ୍‌ମାବାଈ ନିଜ ମା' ଓ ସାବତ ପିତାଙ୍କ ପାଖରେ ରହି ନିଜର ଉଚ୍ଚଶିକ୍ଷା ସମାପ୍ତ କରିବା ସହ ନିଜକୁ ଜଣେ ସ୍ୱନାମଧନ୍ୟ ଡାକ୍ତର ଭାବରେ ପ୍ରତିଷ୍ଠିତ କରିପାରିଥିଲେ। ଲଣ୍ଡନରୁ ଶିକ୍ଷା ସମାପ୍ତ କରି ଫେରିବା ପରେ ତାଙ୍କୁ ସାମାଜିକ ସ୍ତରରେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା, ମାତ୍ର ଦୃଢ଼ପ୍ରତିଜ୍ଞ ରୁଖ୍‌ମାବାଈ ଅଟକି ନ ଯାଇ କେବଳ ଜଣେ ମୁଖ୍ୟ ଚିକିତ୍ସା ଅଧିକାରୀର ଦାୟିତ୍ୱ ନିର୍ବାହ କରି ନ ଥିଲେ, ବରଂ ବାଲ୍ୟବିବାହ ରୋକିବା ଅଭିଯାନରେ ମଧ୍ୟ ନିଜକୁ ସାମିଲ କରିଥିଲେ।

ରୁଖ୍‌ମାବାଈଙ୍କ ଘଟଣାଟି ତତ୍କାଳୀନ ଭାରତବର୍ଷରେ ବାଲ୍ୟବିବାହ ଓ ନାରୀ ସ୍ୱାଧିକାରକୁ ନେଇ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲା। କେବଳ ଏତିକି ନୁହେଁ ବାଲ୍ୟବିବାହ ଓ ମହିଳାଙ୍କୁ ସମାନ ଅଧିକାର ପ୍ରଦାନ ପ୍ରସଙ୍ଗରେ ଏହା ବ୍ରିଟିଶ ଗଣମାଧ୍ୟମରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଘଟଣାରେ ଅତ୍ୟନ୍ତ ମର୍ମାହତ ଓ କ୍ରୋଧାନ୍ୱିତ ହୋଇ ପ୍ରମୁଖ ଶିକ୍ଷାବିତ୍ ତଥା ନାରୀ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ପ୍ରମୁଖ ସମାଜସେବୀ ପଣ୍ଡିତ ରମାବାଈ ଲେଖିଥିଲେ, ''ଯେତେବେଳେ ଜଣେ ମହିଳା ଉଚ୍ଚଶିକ୍ଷିତ ହୋଇ ଦୈହିକ ତଥା ମାନସିକ ସ୍ତରରେ ଜଣେ ପୁରୁଷର ଦାସତ୍ୱକୁ ସ୍ୱୀକାର କରିବା ପାଇଁ ଅସ୍ୱୀକାର କରୁଛି, ସେତେବେଳେ ବ୍ରିଟିଶ ସରକାର ଆଇନର ଆଶ୍ରୟ ନେଇ ସେହି ମହିଳାଙ୍କୁ ସମ୍ପୂର୍ଣ୍ଣରୂପେ ବନ୍ଦୀ କରୁଛନ୍ତି।''

୧୮୮୫ ଜୁନ୍ ୨୦ରେ 'ଟାଇମ୍‌ସ ଅଫ୍ ଇଣ୍ଡିଆ'କୁ ଲିଖିତ ଏକ ଚିଠିରେ ରୁଖ୍‌ମାବାଈ ଉଲ୍ଲେଖ କରିଥିଲେ-

''ବାଲ୍ୟବିବାହର ଏ କଳୁଷିତ ପରମ୍ପରା ମୋ ଜୀବନର ସମସ୍ତ ସୁଖଶାନ୍ତିକୁ ନଷ୍ଟ କରିଦେଲା। ମୋ ଶିକ୍ଷା ଓ ମାନସିକ ଅଭିବୃଦ୍ଧିରେ ଏହା ଅନେକ ବାଧା ସୃଷ୍ଟିକଲା। ମୋର ସାମାନ୍ୟତମ ଦୋଷ ନ ଥାଇ ମଧ୍ୟ ଦୁର୍ଭାଗ୍ୟବଶତଃ ମୋତେ ଅନ୍ୟମାନେ ଭିନ୍ନ ଦୃଷ୍ଟିରେ ଦେଖିଲେ। ଏପରିକି ମୋର ସାନଭଉଣୀମାନେ ମଧ୍ୟ ମୋତେ ସନ୍ଦେହପୂର୍ଣ୍ଣ ନଜରରେ ଦେଖିଲେ।''

ଏହିଭଳି ଭାବରେ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ ମଧ୍ୟ ରୁଖ୍‌ମାବାଈ ଅବିବାହିତ ରହିବା ସହ ଭାରତର ଜଣେ ସ୍ୱନାମଧନ୍ୟ ମହିଳା ଡାକ୍ତର ହିସାବରେ ନିଜକୁ ପ୍ରତିପାଦିତ କରିଥିଲେ। ଆନନ୍ଦୀ ଗୋପାଳରାଓ ଯୋଶୀ ଯଦିଓ ଭାରତର ପ୍ରଥମ ମହିଳା ଡାକ୍ତର ଥିଲେ, ମାତ୍ର ରୋଗରେ ପୀଡ଼ିତା ହୋଇ ସେ ନିଜର ଶିକ୍ଷାକୁ ଜନକଲ୍ୟାଣରେ ବିନିଯୋଗ କରିପାରି ନ ଥିଲେ। ରୁଖ୍‌ମାବାଈ ନିଜ ଜୀବନରେ ଅନେକ ଝଡ଼ଝଞ୍ଜା ସତ୍ତ୍ୱେ ତତ୍କାଳୀନ ଭାରତବର୍ଷରେ ଜଣେ ଦୃଢ଼ମନା ମହିଳା ଭାବରେ ନିଜକୁ ପରିଚିତ କରାଇପାରିଥିଲେ। ଅସୀମ ସହନଶକ୍ତି ବଳରେ ସମସ୍ତ ସାମାଜିକ ବିରୋଧକୁ ପ୍ରତିହତ କରି ସେ ମହିଳାମାନଙ୍କର ଅଧିକାର ଓ ସମ୍ମାନ ପାଇଁ ଦୀପଶିଖା ପରି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ।

୧୯୫୫ ମସିହା ସେପ୍‌ଟେମ୍ବର ୨୫ରେ ଇହଲୀଳା ସମ୍ବରଣ କରିଥିଲେ ରୁଖ୍‌ମାବାଈ।

ଚାଲିଗଲେ ସେହି ମହାନ ନାରୀଜଣଙ୍କ। କିନ୍ତୁ ଏକଥା ନିଶ୍ଚିତ ଭାବରେ କୁହାଯାଇପାରେ ଯେ ସେହି ମହାନ ନାରୀଙ୍କର ସାହସ, ଇଚ୍ଛାଶକ୍ତି, ଦୃଢ଼ତା ଆଜି ବି ଆମ ମହିଳାମାନଙ୍କୁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ପ୍ରେରଣା ଯୋଗାଇଥାଏ। ରୁଖ୍‌ମାବାଈଙ୍କ ଜୀବନରୁ ବହୁତ କିଛି ଶିଖି ହୁଏ। ତା' ସହିତ ରୁଖ୍‌ମାବାଈଙ୍କ ଜୀବନୀ ସମଗ୍ର ଭାରତୀୟ ନାରୀ ଜାତିକୁ ଆହ୍ୱାନ ଦିଏ, ''କୌଣସି ପରିସ୍ଥିତିରେ ମଧ୍ୟ ସ୍ୱେଚ୍ଛାଚାରୀ ପୁରୁଷ ପାଖରେ ନିଜକୁ ସମର୍ପିତ ନ କରି ଶିକ୍ଷିତ ଓ ସ୍ୱାବଲମ୍ବୀ ହୋଇ ନାରୀମାନେ ନିଜକୁ ପ୍ରତିଷ୍ଠିତ କରିବା ଉଚିତ।''



**Dr. Itirani Samanta**, an eminent writer, journalist, editor, publisher and national award winning film producer occupies a very signficant position in contemporary Odisha. Writing is her first love. In fact, from early childhood, she started cuddling up emotions and scribbled down her feelings on a regular basis. That in later stage culminated into stories, novels, poems, dramas, features, articles of social relevance, women empowerment & gender related issues. She has been continuously writing her editorials in 'The Kadambini', the most popular family magazine in Odisha on women related issues, women empowerment and current social problems since two decade.

# ଶ୍ରୀମତୀ ମନସ୍ୱିନୀ ସାହୁଙ୍କ ଦୁଇଟି କବିତା

## ନିରବ ପ୍ରଳୟ

ସଂଖ୍ୟାର ସାଗରରେ
ଖୋଜୁଛି ମୁଠାଏ ସତ୍ତା,
ହରାଇଲି କେତେ ସମ୍ପର୍କୀୟ
ଆଉ କିଛି ଆତ୍ମୀୟତା।

ଆଖିବୁଜି ଦେଖିବାର ପ୍ରୟାସରେ
ଅଣ୍ଡାଳିଲି ଲୁହ,
ଝଡ଼ଝଞ୍ଜା ଥମି ଥମି
ପୁଣି ଆସିଲାଣି
ଅଭାବର କୋହ।

ଆଉ ଏ ଜନ୍ମରେ,
ଆଉ ଏ ଜନ୍ମରେ
ତୁମେ ସବୁ ଅଫେରନ୍ତା ମୋହ,
ହଜାଇଛି ନିରବରେ
କେତେ କେତେ କୁହ।

ମଶାଣିର ଜୁଇ ସାକ୍ଷୀ,
ଆଉ ଏ ମସିହାର
ଶୂନ୍ୟ ଶୂନ୍ୟ ଲେଖି
ଦେଖୁଛି ମୋ ଦୁଇଆଖି,
ଜ୍ୱଳନ୍ତା ଛାତିର ଭୟ
ନିଏ ମେଞ୍ଚେ ମେକପ୍ଲାଖି।

କେହି କାଳେ ହିସାବ କରିବେ,
ପୃଷ୍ଠାଟିଏ ଯିବ ରହି,
ନିରବତା ଅଷ୍ଟାଭିଡ଼ି
ଦିଏ ସବୁ ସତ କହି,
ନିରବତା ଅଷ୍ଟାଭିଡ଼ି
ଦିଏ ସବୁ ସତ କହି।

ଏ ପ୍ରଳୟ ନୁହେଁ ତ
କ'ଣ ତେବେ??

ଏ ପ୍ରଳୟ ନୁହେଁ ତ
କ'ଣ ତେବେ??

ଖାଲି ଯାହା ନିରବତା ସବୁଠି,
ସଂକ୍ରମଣ, ମରଣ
ଅବା ଶବଦାହର
ଅଶେଷ ଜ୍ୱଳନ,
ମୁଠାଏ ଦୂରତାରେ
ହାହାକାର ସମ୍ପର୍କର ଥଇଥାନ।

ଏ ପ୍ରଳୟ ନୁହେଁ ତ ଆଉ କ'ଣ??

ଅବରୋଧ, ସଙ୍ଗରୋଧ,
ସତେ କି ସବୁ ପାପ
ସବୁକିଛି ଅପରାଧ।

ନିରବର ପ୍ରଳୟ କାଳେ
ସମୟର ଝୁଲଣା ତାଳେ
ମୁଁ ଖୋଜେ ପ୍ରଶ୍ନଟିଏ।

କି ଯେ ସର୍ଜିବ ତୁମ୍ଭେ
ସତ୍ୟ, ଶାନ୍ତି ଓ ପ୍ରେମବଳେ
ନବଯୁଗର ଆଡୁଆଳେ?

କି ଯେ ସର୍ଜିବ ତୁମ୍ଭେ?
କରାଳ ଏ ପ୍ରଳୟ କୋଳେ
ମୁଠାଏ ନିରବତା
ଆଉ ଅସମ୍ଭବ
ଦୂରତାର ଛଳେ???

## ଅପହଞ୍ଚ

ଛୁଇଁବା, କହିବା
ଏପରିକି ମୁଠାଏ ସାନ୍ତ୍ୱନା ଢାଳିବା
ସବୁକିଛି ମନା।
ନା ମାନେ
ସମ୍ପୂର୍ଣ୍ଣ ମନା।
ସେ ଏକ ଅପହଞ୍ଚ ଇଲାକାର ଅବୁଝା ଆଇନା।

କରୋନାର କେଉଁ ଏକ କୋଣରେ
ଠେସିହୋଇ ବଞ୍ଚୁଥିବା ଜୀବନଟି ଆନମନା,
ଆଞ୍ଜୁଳାଏ ସମୟର ସତେ ନିଷ୍ଠୁର ପ୍ରବଞ୍ଚନା।

ଅକୁହା ସେ ଅବର୍ଣ୍ଣନୀୟ
ହାତଟେକା ମୁହୂର୍ତ୍ତର ପଣତରେ
ମୁହଁ ଲୁଚାଇ କାନ୍ଦିବାର ଯାତନା,
ଅବ୍ୟକ୍ତ ଅଭିଜ୍ଞତା ସବୁ ଟିକିଟିକି କରିଚାଲୁଥାଏ
ଘଣ୍ଟାକଣ୍ଟା ମିନିଟ୍‌ର ବେଦନା।

ଅଶେଷର ଶେଷ ଆଉ ଶେଷ ସୋପାନ ଚଢ଼ି
ମୁଁ ପାଏ ଶହେ ସପନର କଳନା

ଅପହଞ୍ଚ ସବୁ
ସେତେବେଳେ ଖାଲି ପାଏ ଏକା
ମୁଁ ଓ
ଈଶ୍ୱରଙ୍କୁ ମୋର
ବ୍ୟାକୁଳ ପ୍ରାର୍ଥନା
ଖାଲି
ମୁଁ ଓ ଈଶ୍ୱରଙ୍କୁ ମୋର
ପ୍ରାର୍ଥନା।



ଶ୍ରୀମତୀ ମନସ୍ୱିନୀ ସାହୁ
ଯୁଗ୍ମ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଯୋଗାଯୋଗ: ୭୯୭୮୪୮୭୭୫୪









# ଗୁରୁପୂଜନ

**ଶ୍ରୀ ଗୋବିନ୍ଦ ପାଢ଼ୀ**

''ସାକ୍ଷାତେ ଗୁରୁ ଯେ ଈଶ୍ୱର, ଗୁରୁଙ୍କୁ ନ ମଣିବ ନର''
**- ଶ୍ରୀମଦ୍ଭାଗବତ, ଏକାଦଶ ସ୍କନ୍ଧ, ଅଷ୍ଟାଦଶ ଅଧ୍ୟାୟ**

ଚଳିତ ବର୍ଷ ସେପ୍ଟେମ୍ବର ୫ ତାରିଖ, ସମୟ ଭୋର୍ ୪:୪୬ ମିନିଟ୍। ହଠାତ୍ ମୋ ମୋବାଇଲ୍‌ରେ ଏକ ବାର୍ତ୍ତା ଆସିବାର ସୂଚନା ମିଳିଲା। ସମଗ୍ର ବିଶ୍ୱ ମହାମାରୀ କରୋନା ସଂକ୍ରମଣର ଅପ୍ରତ୍ୟାଶିତ ଆଶଙ୍କାରେ ଭୀତତ୍ରସ୍ତ। ଏଭଳି ସମୟରେ ମୋବାଇଲ୍ ବାର୍ତ୍ତା ଅଶୁଭ ସୂଚକ ହୋଇପାରେ.... ମନେ ହେବା ସ୍ୱାଭାବିକ। କିନ୍ତୁ ବାର୍ତ୍ତାଟି ପଢ଼ିବା ପରେ ମୋ ଆଖିରୁ ଦୁଇଧାର ଆନନ୍ଦାଶ୍ରୁ ବୋହିପଡ଼ିଲା। ବାର୍ତ୍ତାଟି ଥିଲା....

''Esteemed Sir, Pranam!

You have shown me the beacon light of wisdom and the real path of life. I am indebted to you throughout of my life. On this auspicious Teacher's Day, I bow my head on your Lotus Feet and pray God for your peaceful, healthy and long life.

With profound regards,
Manmath''

[ସମ୍ମାନନୀୟ ସାର୍, ପ୍ରଣାମ!

ଆପଣ ମୋତେ ପ୍ରଜ୍ଞାର ସାଂକେତିକ ଆଲୋକରେ ଆଲୋକିତ କରି ଜୀବନର ବାସ୍ତବ ମାର୍ଗକୁ ଦର୍ଶାଇଛନ୍ତି। ମୋର ସାରାଜୀବନ ଆପଣଙ୍କ ନିକଟରେ ଋଣୀ। ଆଜିର ଏହି ପବିତ୍ର ଗୁରୁଦିବସ ଅବସରରେ ମୁଁ ମୋର ମଥାକୁ ଆପଣଙ୍କ ପଦ୍ମପାଦରେ ଅବନତ କରୁଛି। ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି, ସେ ଆପଣଙ୍କୁ ଏକ ଶାନ୍ତିପୂର୍ଣ୍ଣ, ନିରାମୟ ଓ ଦୀର୍ଘଜୀବନ ପ୍ରଦାନ କରନ୍ତୁ।

ଗଭୀର ସମ୍ମାନ ସହ,
ମନ୍ମଥ]

Prof. Manmath Kumar Padhi
Retd. Vice Chancellor
Khalikote Deemed University,
Brahmapur, Ganjam

ହଠାତ୍ ମୋର ମନେପଡ଼ିଲା ଇତିହାସର ସେହି ଉଦ୍ଧତ ବିଶ୍ୱବିଜୟୀ ଗ୍ରୀସ୍‌ର ସମ୍ରାଟ ଆଲେକ୍‌ଜାଣ୍ଡେରଙ୍କ କଥା। ଭୀଷଣ ଅହଙ୍କାରୀ ମଣିଷ ଆଲେକ୍‌ଜାଣ୍ଡେର ମଧ୍ୟ ଗୁରୁଭକ୍ତିର ଚରମ ପରାକାଷ୍ଠା ପ୍ରଦର୍ଶନ କରି କହିଥିଲେ.... ''I am indebted to my father for living, but to my teacher for living well.'' ଅର୍ଥାତ୍ ମୁଁ ମୋର ପିତାଙ୍କ ନିକଟରେ ମୋ ଜୀବନ ପାଇଁ ଋଣୀ, ମାତ୍ର ମୋ ଗୁରୁ (ଗ୍ରୀସ୍‌ର ବିଶ୍ୱବିଖ୍ୟାତ ଦାର୍ଶନିକ ଆରିଷ୍ଟୋଟଲ୍)ଙ୍କ ନିକଟରେ, ମୋତେ ସେ ଏକ ଉତ୍କୃଷ୍ଟ ଜୀବନ ବିତାଇବାର କଳାକୁ ଶିକ୍ଷାଦାନ କରିଥିବା ଯୋଗୁଁ ଋଣୀ।

ଗୁରୁଭକ୍ତିର ଆଉ ଏକ ଉଦାହରଣ ହେଲା.... ଏକଦା ଭାରତର ତତ୍କାଳୀନ ମହାମହିମ ରାଷ୍ଟ୍ରପତି ସ୍ୱର୍ଗତ ଶଙ୍କର ଦୟାଲ ଶର୍ମାଙ୍କ ଓମାନ୍ ରାଷ୍ଟ୍ର ଗସ୍ତର ଏକ ବିସ୍ମୟାବିଭୂତ ବିବରଣୀ। ସେ ଯେତେବେଳେ ଓମାନ୍‌ର ରାଜଧାନୀ 'ମସ୍କଟ'ର ବିମାନଘାଟୀରେ ଅବତରଣ କଲେ, ସେତେବେଳେ ଓମାନ୍‌ର ସର୍ବୋଚ୍ଚ ଶାସନକର୍ତ୍ତା ସୁଲତାନ ସ୍ୱୟଂ ଉପସ୍ଥିତ ରହି ବିମାନ କକ୍ଷରୁ ମହାମାନ୍ୟ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମାଙ୍କୁ ପାଛୋଟି ନେଇ, ନିଜ ଗାଡ଼ିରେ ନିଜେ ଚାଳକ ସାଜି ଅତିଥି ଭବନରେ ପହଞ୍ଚାଇଥିଲେ। ଏହା ଥିଲା ଓମାନ୍ ରାଷ୍ଟ୍ରର ବିଧି ବ୍ୟବସ୍ଥା (ପ୍ରୋଟୋକଲ୍)ର ଏକ ବିରଳ ବ୍ୟତିକ୍ରମ। ସାମ୍ବାଦିକମାନଙ୍କର ଉତ୍ସୁକତାର ଉତ୍ତରରେ ସେ କହିଥିଲେ ଡ. ଶଙ୍କର ଦୟାଲ ଶର୍ମା ତାଙ୍କ ପାଇଁ କେବଳ ଏକ ରାଷ୍ଟ୍ରମୁଖ୍ୟ ନୁହନ୍ତି, ସେ ଥିଲେ ତାଙ୍କର ଭାରତର ପୁନା ସହରରେ ପାଠପଢ଼ା ସମୟର ଜଣେ ପୂଜ୍ୟ ଗୁରୁ।

ଗୁରୁଭକ୍ତିର ଆଉ ଏକ ଅବତାରଣା ହେଲା.... ପୂର୍ବରୁ ଜର୍ମାନୀର ମହିଳା ଚାନ୍‌ସଲର ଏଞ୍ଜେଲା ମେର୍କେଲ, ଯେତେବେଳେ ଶିକ୍ଷକମାନଙ୍କୁ ରାଷ୍ଟ୍ରର ସର୍ବୋଚ୍ଚ ବେତନଭୋଗୀ କର୍ମଚାରୀ ରୂପେ ଘୋଷଣା କରିଥିଲେ, ସେତେବେଳେ ବିଭିନ୍ନ ମହଲରୁ ପ୍ରବଳ ପ୍ରତିବାଦର ସ୍ୱର ଉଠିଥିଲା। ତା'ର ଉତ୍ତରରେ ସେହି ମହୀୟସୀ ମହିଳାଙ୍କ ବକ୍ତବ୍ୟ ଥିଲା, ଯେଉଁ ଗୁରୁ/ଶିକ୍ଷକମାନେ ସାରାଜୀବନ ଜ୍ଞାନ ଅର୍ଜନ କରି ସମସ୍ତ ନାଗରିକମାନଙ୍କୁ ଗଢ଼ିଛନ୍ତି, ସେମାନେ ନିଶ୍ଚୟ ରାଷ୍ଟ୍ରର ଉଚ୍ଚ ସମ୍ମାନ ପାଇବା ପାଇଁ ହକଦାର।

ଏବେ ନିକଟର ଏକ ଘଟଣା ହେଲା ରୁଷିଆରେ ଯେତେବେଳେ କରୋନା ଟିକାର ଉଦ୍ଭାବନ ହେଲା, ରାଷ୍ଟ୍ରପତି ପୁଟିନ୍ ଘୋଷଣା କଲେ ଟିକାର ସଫଳ ପରୀକ୍ଷଣ ପରେ ସର୍ବପ୍ରଥମେ ଶିକ୍ଷକ ଏବଂ ଡାକ୍ତର ଗୋଷ୍ଠୀଙ୍କୁ ପ୍ରଦାନ କରିବେ, ପରେ କରୋନା ଟିକା ଅନ୍ୟମାନଙ୍କୁ ବିତରଣ କରାଯିବ। ତାଙ୍କର ମତ ହେଲା ଶିକ୍ଷକ ଏବଂ ଡାକ୍ତରମାନେ ହେଉଛନ୍ତି ରାଷ୍ଟ୍ରର ଅମୂଲ୍ୟ ସମ୍ପଦ। ତେଣୁ ସେମାନଙ୍କୁ ଅନ୍ୟମାନଙ୍କ ସହ ତୁଳନା କରାଯାଇପାରିବ ନାହିଁ।

ଆମ ଦେଶର ଗୁରୁପୂଜା ହେଉଛି ଏକ ଆରଣ୍ୟକ ପରମ୍ପରା। ସେହି ପରିପ୍ରେକ୍ଷୀରେ ମୁଁ ମୋର ବାଲ୍ୟକାଳର ଗୁରୁ ସ୍ୱର୍ଗତ ସୋମନାଥ ପାତ୍ରଙ୍କୁ ସ୍ମୃତିନୈବେଦ୍ୟ ଅର୍ପଣ କରି ରଚନା କରିଥିଲି ଏକ କବିତା, ଯାହାର ଶୀର୍ଷକ ଥିଲା 'ଶ୍ରଦ୍ଧାଞ୍ଜଳି'।

''ହେ ଆଚାର୍ଯ୍ୟ! ନୁହେଁ ମୁହିଁ ଏକଲବ୍ୟ, ଦେବି ଦ୍ରୋଣେ ଅଙ୍ଗୁଷ୍ଠି ଦକ୍ଷିଣା।

ମୁଁ ନୁହେଁ ସୁଦାମା, ଜୀବନକୁ ଜଳାଞ୍ଜଳି ଦେହି, ସନ୍ଦୀପନି ସନ୍ନିକଟେ କରିପାରେ ଜାଳେଣିକୁ ଜମା।

ଆରୁଣି ମୁଁ ନୁହେଁ, ଧାନ କିଆରିରେ ଶୋଇ ଦେଖାଇବି ଗୁରୁ ପାଶେ ଶିଷ୍ୟର ସେ ଭକ୍ତି ପରାକାଷ୍ଠା।

ମୁଁ ନୁହେଁ ପୁରୋଷତ୍ତମ, ରଘୁବଂଶୀ ନୟନାଭିରାମ ଗୁରୁଆଜ୍ଞା କରିବି ପାଳନ ଦୁର୍ଦ୍ଧାନ୍ତ ରାକ୍ଷସକୁଳ ମାରି।

ମୁଁ ମଣିଷ ଏ ଧରାର, ସବୁ ଦୋଷ ଦୁର୍ବଳତା ନେଇ ହେ ମହାନ! ତୁମରି ସ୍ମୃତିରେ ପାରେ ଆଜି ଶ୍ରଦ୍ଧାଞ୍ଜଳି ଦେଇ।''

ସନାତନ ସଂସ୍କୃତିରେ ଗୁରୁଙ୍କୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ସହିତ ସମାନ ବିବେଚନା କରାଯାଏ। ଯଥା -

''ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁଃ, ଗୁରୁର୍ଦେବୋ ମହେଶ୍ୱରଃ
ଗୁରୁ ସାକ୍ଷାତ ପରଂବ୍ରହ୍ମଃ ତସ୍ମୈ ଶ୍ରୀଗୁରବେ ନମଃ''।

ସ୍ୱୟଂ ସୃଷ୍ଟିକର୍ତ୍ତା ମଧ୍ୟ ଗୁରୁଙ୍କ ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି-

''ପ୍ରଥମେ ତୁ ଗୁରୁଃ ପୂଜ୍ୟଃ, ତତଶ୍ଚୈବ ସମାର୍ଚ୍ଚନମ୍
କୁର୍ବନ ସିଦ୍ଧି ମବାପ୍ନୋତି ହ୍ୟନ୍ୟଥା ନିଷ୍ଫଳଂ ଭବେତ୍''।

ଅର୍ଥାତ୍ ମୋର ଆରାଧନା ପୂର୍ବରୁ ପ୍ରଥମେ ଗୁରୁଙ୍କୁ ପୂଜା କର ନଚେତ୍ ତୁମେ ସିଦ୍ଧିଲାଭ କରିପାରିବ ନାହିଁ ଏବଂ ସେହି ପୂଜା ସଫଳ ହେବନାହିଁ।

ସନ୍ଥକବି ତୁଳସୀ ଦାସ, ଗୁରୁଙ୍କ ଉଦ୍ଦେଶ୍ୟରେ ଉଲ୍ଲେଖ କରିଛନ୍ତି,

''ଶ୍ରୀ ଗୁରୁ ପଦ ନଖ ମନି ଗନ ଜ୍ୟୋତି
ସୁମରିତ ଦିବ୍ୟ ଦୃଷ୍ଟି ହିଏ ହୋତି।''

ଅର୍ଥାତ୍ ଗୁରୁଙ୍କ ପଦନଖ ମଣିର ଜ୍ୟୋତିସ୍ମରଣ ମାତ୍ରେ, ହୃଦୟରେ ଦିବ୍ୟଚେତନା ସୃଷ୍ଟି ହୁଏ।

ବର୍ଣ୍ଣିତ ଅଛି ସନ୍ଥ କବୀରଙ୍କୁ ଯେତେବେଳେ ପ୍ରଶ୍ନ କରାଗଲା, ଗୁରୁ ଏବଂ ଗୋବିନ୍ଦ (ଈଶ୍ୱର) ଯେତେବେଳେ ଏକାଠି ଉପସ୍ଥିତ ଥିବେ, ସେ ସେତେବେଳେ ପ୍ରଥମେ କାହାର ପଦସ୍ପର୍ଶ କରିବେ? ସେ ଉତ୍ତରରେ କହିଥିଲେ....

''ଗୁରୁ ଗୋବିନ୍ଦ ଦୋଉ ଖଡ଼େ, କାକେ ଲାଗୁଂ ପାୟ
ବଲୀହାରୀ ଗୁରୁ ଆପକୀ ଯୋ ଗୋବିନ୍ଦ ଦେୟ ଦିଖାୟ''

ଅର୍ଥାତ୍, ମୁଁ ପ୍ରଥମେ ଗୁରୁଙ୍କ ପଦସ୍ପର୍ଶ କରିବି, କାହିଁକି ନା ସେ ହିଁ ମୋତେ ଗୋବିନ୍ଦ (ଈଶ୍ୱର)ଙ୍କୁ ଚିହ୍ନେଇଛନ୍ତି।

ସଂସ୍କୃତ ମହାଭାରତରେ ବର୍ଣ୍ଣନା କରାଯାଇଛି -

''ମାତା ପିତର ମୁତ୍ଥାୟ ପୂର୍ବମେବାଭିବା ଦୟେତ୍,
ଆଚାର୍ଯ୍ୟ ମଥବାପ୍ୟନ୍ୟଂ, ତଥାୟୁର୍ବିନ୍ଦତେ ମହତ୍''

ଅର୍ଥାତ୍, ଯିଏ ପ୍ରାତଃଶଯ୍ୟା ତ୍ୟାଗ କରି ବାପା, ମା, ଗୁରୁଜନଙ୍କୁ ପ୍ରଣାମ କରେ; ସେମାନଙ୍କ ଅଶେଷ ଆଶିଷ କୃପାରୁ ସିଏ ଦୀର୍ଘାୟୁ ହୁଏ।

ପାଶ୍ଚାତ୍ୟ କବି ଅଲିଭର ଗୋଲ୍‌ଡସ୍ମିଥ୍‌ଙ୍କ କବିତାବଳୀ "The Deserted Village"ରୁ ଉଦ୍ଧୃତ କବିତା "The Village Schoolmaster"ରେ ଗ୍ରାମୀଣ ଜୀବନର ଏକ ନିଖୁଣ ଚିତ୍ର ଉପସ୍ଥାପନା କରି ଗ୍ରାମର ଶିକ୍ଷକ କିଭଳି ସମଗ୍ର ଗ୍ରାମବାସୀଙ୍କ ସୁଖଦୁଃଖର ସାଥୀ, ପରାମର୍ଶଦାତା ଓ ମାର୍ଗଦର୍ଶୀ ହୋଇପାରନ୍ତି, ତା'ର ଏକ ସୁନ୍ଦର ଚିତ୍ରର ଅବତାରଣା କରିଛନ୍ତି। ଶିକ୍ଷା ହେଉଛି ଏକ ପବିତ୍ର କାର୍ଯ୍ୟ.... ଏକ ମହାନ ଭାବଧାରା। ଗୁରୁ/ଶିକ୍ଷକ ନିଜର ସାଧନା, ଜିଜ୍ଞାସା ଓ ଜ୍ଞାନପିପାସା ବଳରେ ଛାତ୍ରଛାତ୍ରୀଙ୍କ ମନରେ ବିନୟ ଭାବ, ଭକ୍ତି, ସହନଶୀଳତା, କର୍ତ୍ତବ୍ୟନିଷ୍ଠା ଓ ଧୈର୍ଯ୍ୟ ଭଳି ମହନୀୟ ଗୁଣରାଜିର ଉଦ୍ରେକ କରାଇ ଭବିଷ୍ୟତ ନାଗରିକରେ ପରିଣତ କରାଇଥାନ୍ତି। ଗୁରୁ/ଶିକ୍ଷକ ମଣିଷଗଢ଼ା କାରଖାନାର ଜଣେ ନିପୁଣ ଶିଳ୍ପୀ, ତା'ର ନିଖୁଣ ଶିଳ୍ପଚାତୁରୀ ପାଇଁ ସେ ସମାଜରେ ସର୍ବପୂଜ୍ୟ.... ଚିରସ୍ମରଣୀୟ।

ଆମ ଦେଶର ଗୌରବ, ବିଶ୍ୱବନ୍ଦ୍ୟ, ଜ୍ଞାନଗର୍ଭା, ବିଦ୍ୱାନ୍ ଗୁରୁ, ଦାର୍ଶନିକ ତଥା ପୂର୍ବତନ ରାଷ୍ଟ୍ରପତି ସାର୍ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପବିତ୍ର ଜନ୍ମଦିବସ ସେପ୍‌ଟେମ୍ବର ୫ ତାରିଖକୁ ଆମେ ଗୁରୁଦିବସ ରୂପେ ପାଳନ କରିଆସୁଅଛୁ। ଏହା ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର କଥା।


## ଶ୍ରୀ ଗୋବିନ୍ଦ ପାଢ଼ୀ



ଅବସରପ୍ରାପ୍ତ ପ୍ରାଧ୍ୟାପକ ଶ୍ରୀ ଗୋବିନ୍ଦ ପାଢ଼ୀ ବୃତ୍ତିରେ ଜଣେ ବହୁପାଠୀ, ଜିଜ୍ଞାସୁ ଓ ଛାତ୍ରଛାତ୍ରୀ ପ୍ରିୟ ଅଧ୍ୟାପକ। ପ୍ରବୃତ୍ତିରେ ସେ ଜଣେ ଭଲ ସଂଗଠକ, ଗବେଷକ ଏବଂ ସାହିତ୍ୟ ଓ ସଂସ୍କୃତିରେ ରୁଚି ରଖିଥିବା ଶ୍ରଦ୍ଧାଶୀଳ ମଣିଷ। ସେ ଶିକ୍ଷା, ଲୋକସଂସ୍କୃତି, ଅର୍ଥନୀତି, ସାମାଜିକ ବିଧି ବ୍ୟବସ୍ଥା ଓ କେତେକ ବ୍ୟକ୍ତିବିଶେଷଙ୍କ ଜୀବନୀର ସଫଳ ରୂପାୟନ କରି ବହୁ କବିତା ଓ ପ୍ରବନ୍ଧ ରଚନା କରିଛନ୍ତି, ଯାହାକି ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ଲାଭ କରିଛି।

# କାଣିଚାଏ ଅନୁଭୂତି

## ସୀମନ୍ତିନୀ ନନ୍ଦ

ଆକାଶରେ ବିଜୁଳିର ଚକମକ
ତା' ସହ ବାଦଲର ଘଡ଼ଘଡ଼ି ଶବ୍ଦ
ମନ ମଧ୍ୟରେ ବସା ବାନ୍ଧିଥିବା
ବର୍ଷାର ଟପଟପ ଶବ୍ଦ
ଆଣିଦେଉଥିଲା ଅନେକ ଅପାସୋରା ସ୍ମୃତିକୁ
ସେଇ କାଣିଚାଏ ଅନୁଭୂତିକୁ।

ସେଇ ପିଲାଦିନର ସ୍ମୃତି
ବ୍ୟାଗ୍‌ବସ୍ତାନି ସାଙ୍ଗସାଥୀ
ସବୁକୁ ତୁଚ୍ଛ କରି
ବର୍ଷାରେ ନିଜକୁ ଭିଜାଇ ଭିଜାଇ
ସପ୍ତପାରୀର ରାଇଜରେ ଘୂରିବୁଲିଲା ପରି
ପାଣିର ଛିଟିକା ପାଦର ରୁଣୁଝୁଣୁ ଶବ୍ଦରେ
ହୃଦୟର କେଉଁ କ୍ଷୁଦ୍ର କୋଣରୁ
ହେଉଥିଲା ବିଚ୍ଛୁରିତ
ସେଇ କାଣିଚାଏ ଅନୁଭୂତି।

ସ୍ୱର୍ଗର ସୁଖ ଯାଉଥିଲା ମିଳି
ପୁଲକିତ ମନରେ ଉଠୁଥିଲା ଗାଇ
ସେଇ ବର୍ଷାର ଗୀତ
ପାଇଗଲା ପରି ଲାଗୁଥିଲା
ଜୀବନର ସ୍ୱପ୍ନିଳ ଆଭାସ
କାନ୍‌ଭାସ୍‌ରେ ଆଙ୍କୁଥିଲା
ମନର ନିରବ କୋଣରୁ
ସେଇ କାଣିଚାଏ ଅନୁଭୂତି।

କେତେ ସୁନ୍ଦର ଥିଲା ସେ ପିଲାଦିନ
ମନେ ପଡୁଛି ଆଜି
ସେଦିନ ସାଙ୍ଗସାଥୀର ବାଜିମାତ
କିଏ ଜିତିବ କିଏ ହାରିବ
ନ ଥାଏ ତା'ର ହିସାବ
ରାଗାରୁଷା ଲିଭିଯାଏ ସବୁ କେଇପଦ ମିଠାକଥାରେ।
ସେଦିନ ଯାଇଛି ଚାଲି
ଆକାଶରେ ମେଘ ଆସିଲେ ମୁଁ ଖୋଜେ ନିଜକୁ
ସେଇ ସ୍ୱପ୍ନକୁ ସେଇ ଦିନକୁ
ନିଜର କାଣିଚାଏ ଅନୁଭୂତିକୁ।



**Simantini Nanda** is a home maker staying in Kuala Lumpur with her husband Ekamra Mohapatra. She likes cooking and writing Odia Poems and Stories.



# ଦାସକାଠିଆ

## ବ୍ରତତୀ ପ୍ରିୟଦର୍ଶିନୀ ସ୍ୱାଇଁ

ସେ ଦିନ ଘରେ କେହି ନ ଥାନ୍ତି। ଏକା ଥାଉ ମୁଁ ଓ ମୋ ଶାଶୂ। ତେଣୁ ଜଲ୍‌ଦି କାମଦାମ ଓ ଖିଆପିଆ ସାରି ଶାଶୂବୋହୂ ଦୁହେଁ ବସିଥାଉ ଟି.ଭି ଆଗରେ। ମୋ ଶାଶୂ ମତେ ଚାନେଲ୍ ବଦଳେଇବାକୁ କହିଲେ। ମୁଁ ବଦଳେଇଲି, ପର ଚାନେଲ୍, ତା' ପର ଚାନେଲ୍ କଲାବେଳକୁ ମା' କହିଲେ, "ଆଲୋ ଝିଅ ପଛକୁ ନେଲୁ, ଦାସକାଠିଆ ଦଉଚି ନା କ'ଣ।" ମୁଁ ପଛକୁ ନେଲି, ସତରେ ଦାସକାଠିଆ ଦେଉଥାଏ।

ସେ ବହୁତ ଖୁସିହୋଇ ଦେଖିଲେ। କିନ୍ତୁ ମତେ କିଛି ବୁଝାପଡୁ ନ ଥାଏ। ମୁଁ ପଚାରିଲି, "ବୋଉ, ଏ କ'ଣ ଦେଖିବ କହୁଛ।"

ସେ ହସିଦେଇ କହିଲେ, "ଏ ଆମ ପରମ୍ପରା। ତୁ ଧୈର୍ଯ୍ୟ ଧରି ଦେଖେ କିଛି ସମୟ ପରେ ବୁଝିପାରିବୁ। ଆଜିକାଲି ପିଲା ସବୁ ସହରରେ ରହିଲେ, ଏଗୁଡ଼ା କୋଉଠୁ ଜାଣିବ!"

ମୁଁ ଚୁପ୍‌ଚାପ୍ ବସି ଦେଖିଲି। ଦୁଇଜଣ ପୁରୁଷ ଲୋକ ଜରି ଚିକ୍‌ଚିକ୍ ରେଶମୀ ଧୋତି, ପଞ୍ଜାବି ପିନ୍ଧିଥା'ନ୍ତି ଓ ମୁଣ୍ଡରେ ମଧ୍ୟ ଜରି ଚିକ୍‌ଚିକ୍ ଶିରିପା ବାନ୍ଧିଥା'ନ୍ତି। ହାତରେ ଏକ ଛୋଟ ବାଦ୍ୟଯନ୍ତ୍ର ଧରି ଠକଠକ କରି ବଜାଇ ଗୀତ ଗାଉଥା'ନ୍ତି। ଏସବୁ ଦେଖି ମୁଁ ଏ ଦାସକାଠିଆ ବିଷୟରେ ମୋ ଶାଶୂଙ୍କୁ ଇଣ୍ଟରନେଟ୍ ଓ ମୋ ଜେଜେ ଓ ଜେଜେମା ଆଦିଙ୍କୁ ପଚାରି ଜାଣିବାକୁ ଚେଷ୍ଟା କଲି।

ଓଡ଼ିଆ ନାଟକର ବିକାଶପଥରେ ଯାତ୍ରା, ଲୀଳା, ପାଲା, ନାଟକ ଭଳି ଲୋକନାଟକର ଅନ୍ୟତମ ଧାରା ହେଉଛି 'ଦାସକାଠିଆ'। ଆଜିକାଲି ଓଡ଼ିଆ ଡ୍ରାମା ବା ନାଟକରେ ବିଭିନ୍ନ ପ୍ରକାର ପରିବର୍ତ୍ତନ ଆସିଲାଣି। ଏବେର ଆଧୁନିକ ନାଟକ ପାଇଁ ଦାସକାଠିଆ ଇତିହାସ ପାଲଟିଲାଣି। ସାଧାରଣତଃ ଦାସକାଠିଆର ବିଷୟବସ୍ତୁ ପୁରାଣ, ବେଦ ଓ ଲୋକକଥାକୁ ନେଇ ପ୍ରସ୍ତୁତ ହୋଇଥାଏ। ଯେଉଁଥିରେ ପ୍ରେମ, ବିରହ, ଆଶୀର୍ବାଦ, ଅଭିଶାପ, ଯୁଦ୍ଧ ଓ ଜୀବନର ମୂଲ୍ୟବୋଧ ଇତ୍ୟାଦି ବିଷୟ ରହିଥାଏ। ଉଦାହରଣ ସ୍ୱରୂପ- ଚନ୍ଦ୍ରକଳାହରଣ, ରାଇଦରବାର, ଅଷ୍ଟବଜ୍ର ମିଳନ ଇତ୍ୟାଦି।

ଦାସକାଠିଆର ଜନ୍ମ କେବେ ହୋଇଥିଲା ତାହାର କୌଣସି ପ୍ରମାଣ ନାହିଁ। ଏହାର ଜନ୍ମ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ହୋଇଥିଲା ଓ ପରେ ଧୀରେ ଧୀରେ ଏହା ସମଗ୍ର ଓଡ଼ିଶାରେ ପ୍ରସାରିତ ହୋଇ ଲୋକପ୍ରିୟ ହୋଇପାରିଥିଲା। ତେବେ ଏହାର ଉତ୍ପତ୍ତି ଅବଧି ସପ୍ତଦଶ ଶତାବ୍ଦୀର ପ୍ରଥମ ଭାଗରେ ହୋଇଥାଇପାରେ। ମୁଗଲ ଶାସକ ଔରାଙ୍ଗଜେବଙ୍କ କାଳରେ। କାରଣ ଦାସକାଠିଆ ହିନ୍ଦୁ ଓ ମୁସଲିମ ଧର୍ମର ସଂଘର୍ଷ ଦ୍ୱାରା ସୃଷ୍ଟି ହୋଇଥିଲା। ଯେତେବେଳେ ମୁସଲିମ ଧର୍ମ ହିନ୍ଦୁ ଧର୍ମ ଉପରେ ପ୍ରାଧାନ୍ୟ ବିସ୍ତାର କରିବା ଆରମ୍ଭ କଲା ସେତେବେଳେ ହିନ୍ଦୁ ଧର୍ମ ନିଜର ଅସ୍ତିତ୍ୱ ରକ୍ଷା ନିମନ୍ତେ ବୈଷ୍ଣବ ନୀତି ସିଦ୍ଧାନ୍ତକୁ ଆପଣେଇଲା। ଭଗବାନଙ୍କ ଲୀଳା ଓ ସିଦ୍ଧାନ୍ତକୁ ନେଇ ହିନ୍ଦୁ ଧର୍ମ ସପକ୍ଷରେ ଓ ମୁସଲିମ ଧର୍ମର ବିରୋଧ ନିମନ୍ତେ ଜନସଚେତନ ସୃଷ୍ଟି ନିମିତ୍ତ ଦାସକାଠିଆର ଜନ୍ମ। ରାମଲୀଳା ଓ ରାମଭକ୍ତ ହନୁମାନଙ୍କ ଦ୍ୱାରା ଦାସକାଠିଆ ବହୁମାତ୍ରାରେ ପ୍ରଭାବିତ। ଭଗବାନ ହନୁମାନ ଯେପରି କାଠନିର୍ମିତ ବାଦ୍ୟଯନ୍ତ୍ର ନିଜର ଦୁଇ ହାତରେ ଧରି ରାମଙ୍କ ଲୀଳାଗାନ କରୁଥିଲେ, ସେପରି ଦାସକାଠିଆ ପରିବେଷକମାନେ ମଧ୍ୟ ହାତରେ କାଠନିର୍ମିତ ବାଦ୍ୟଯନ୍ତ୍ର ବାଦନ କରି ଗୀତ ଦ୍ୱାରା ରାମଲୀଳା, ଶିବମହିମା, କୃଷ୍ଣଲୀଳା ଇତ୍ୟାଦି ପରିବେଷଣ କରୁଥିଲେ।

ଦାସ ମାନେ ଭକ୍ତ ବା ସମର୍ପିତ ବ୍ୟକ୍ତି ଓ କାଠିଆ ମାନେ କାଠ ନିର୍ମିତ ଯନ୍ତ୍ର। ଦାସକାଠି ବା ଦାସର କାଠି, ଯାହା ଶ୍ରୀରାମଙ୍କ ପରମଭକ୍ତ ମହାବୀର ବ୍ୟବହାର କରୁଥିଲେ। ସେ ନିଜକୁ ଶ୍ରୀରାମଙ୍କ ଦାସ ବୋଲି ଭାବୁଥିଲେ। ତେଣୁ ଏହାର ନାମ ଦାସକାଠିଆ ହୋଇଛି। ଦୁଇଖଣ୍ଡ କାଠରେ ଲାଗିଥାଏ ପତଳା ଓ ଛୋଟ ଛୋଟ ଗିନି। ତାହାକୁ ହାତରେ ଧରି ଦୁଇ କାଠ ମଝିରେ ବିଶି ଆଙ୍ଗୁଠିକୁ ରଖି କାଠର ଦୁଇ ମୁଣ୍ଡକୁ ପିଟି ଠକଠକ ଶବ୍ଦ କରାଯାଏ। ଏହା ସହିତ ଲାଗିଥିବା ଗିନିଗୁଡ଼ିକ ଝମଝମ ଶବ୍ଦ କରନ୍ତି।

ଏଥିରେ ଦୁଇଜଣ ଲୋକ ଗୋଟିଏ ବିଷୟ ବା ଉପଦେଶକୁ ଗୀତ ଓ କଥା ମାଧ୍ୟମରେ ପରିବେଷଣ କରନ୍ତି। ଜଣେ ମୁଖ୍ୟ ବା 'ଗାୟକ' 'ଗାହାଣ' ଥା'ନ୍ତି। ଅନ୍ୟ ଜଣକ ପାଳିଆ ହୋଇଥା'ନ୍ତି। ଗାୟକଙ୍କ ଗୀତର ଶେଷ ଧାଡ଼ିକୁ ଦୋହରାଇ ଓ ସ୍ୱର ଲମ୍ବାଇ ଗାଇଥା'ନ୍ତି। ପାଳିଆ ମଝିରେ ମଝିରେ ଗାୟକଙ୍କୁ ମଜାଳିଆ ପ୍ରଶ୍ନ ପଚାରନ୍ତି। ନିଜେ ମଜାଳିଆ କଥା କହନ୍ତି। କୌତୁକ ଗପ ଆଦି ପରିବେଷଣ କରନ୍ତି। ପୁରାଣ ସମୟ ଓ ବର୍ତ୍ତମାନ ସମାଜକୁ ନେଇ ସମାଲୋଚନା ବା କଟାକ୍ଷମାନ ପ୍ରଦାନ କରନ୍ତି। ଏହାଦ୍ୱାରା ଗାୟକଙ୍କୁ ଟିକେ ଅସ୍ଥାୟୀ ବିରତି ମିଳେ ପରିବେଷଣରୁ। ଦର୍ଶକଙ୍କୁ ମଧ୍ୟ ହସ ବା ମଜାର ଖୋରାକ ମିଳେ। (ଠିକ୍ ଯେପରି ଫିଲ୍ମ ବା ଯାତ୍ରା ମଝିରେ କମେଡିଆନ୍ କମେଡି କଲା ପରି)। ଦାସକାଠିଆରେ (balad) ସଂଗୀତ, ଓଡ଼ିଶୀ ସଂଗୀତ ଇତ୍ୟାଦି ଗାୟନ ପ୍ରଣାଳୀର ବ୍ୟବହାର କରାଯାଏ।

ଦାସକାଠିଆ ପରିବେଷଣରେ ସଂସ୍କୃତ ଶ୍ଳୋକ, ବେଦବନ୍ଦନା, କବି ଓ ମୁନିଋଷିମାନଙ୍କ ରଚିତ କବିତା ପଦକୁ ବ୍ୟବହାର କରାଯାଏ। ଏଥିରେ ଶବ୍ଦ ସଂଯୋଜନା ଅତି ଉଚ୍ଚକୋଟୀର ହୋଇଥାଏ। ଏହା ଓଡ଼ିଆ ସାହିତ୍ୟ କେତେ ଉଚ୍ଚକୋଟୀର ଓ କେତେ ଋଦ୍ଧିମନ୍ତ ତାହାର ପ୍ରମାଣ ଦିଏ। ଯେପରି ନିମ୍ନୋକ୍ତ ଶିବବନ୍ଦନା ଯାହା ଦାସକାଠିଆରେ ଗାୟନ ହୁଏ -

ଭୋଳାମହେଶ୍ୱର, ବିଭୁଦିଗମ୍ବର, ଶଶାଙ୍କଶେଖର, ଜଟାଧର।
ସ୍ୱଚାରାତ୍ମକ, କୃତାନ୍ତଶାସକ, ଶ୍ମଶାନଚାରକ, ପରାତ୍ପର।
ଭୁଜଙ୍ଗହାରକ, ମନୁଯାତାହକ, ବିମୁକ୍ତିଦାୟକ, ଶିବାମୟ।
ସୁରାସରରଚିତ, ମୁନିନ୍ଦ୍ରବନ୍ଦିତ, ସୁରେନ୍ଦ୍ରସେବିତ ପଦଦ୍ୱୟ, ଓମ୍ ନମଃ ଶିବାୟ।

ଏହି ଶବ୍ଦଗୁଡ଼ିକ ଓ ଏହାର ଅର୍ଥ ଆଜିର ପିଢ଼ି ଜାଣି ନ ଥିବେ। ଆମ ପୂର୍ବପୁରୁଷ କେତେ ଜ୍ଞାନୀ ଥିଲେ ଏଥିରୁ ପ୍ରମାଣ ମିଳେ।

ବିଷୟବସ୍ତୁକୁ ପ୍ରଥମେ ଗୀତରେ କିଛି ଧାଡ଼ି ଗାଆନ୍ତି ଓ ତା'ର ବିଷୟକୁ କଥାରେ ବୁଝାନ୍ତି। ଏହି ସମୟରେ ପାଳିଆ ଥଟ୍ଟା ବା ମଜାଳିଆ କଥା ଗାୟକଙ୍କୁ କୁହନ୍ତି। ଯେମିତିକି ଗାୟକ କହିଲେ, ''ରାଜା ମନ୍ତ୍ରୀଙ୍କୁ ପଚାରିଲେ, ମନ୍ତ୍ରୀ ମୋ ପାଖେ ଧାନ ଦରବ ସବୁଅଛି ହେଲେ ମୁଁ କିପରି ସର୍ବଜଣବିଦିତ ହେବି ବା ବଡ଼ଲୋକ ହେବି?'' ଏହି ସମୟରେ ପାଳିଆ କହିଲେ, ''ମନ୍ତ୍ରୀ ହସିଣ ଯୋଡ଼ିଲେ କର... ବୋଇଲେ ରାଜନ ବ୍ଲାକମାର୍କେଟିଙ୍ଗ୍ କର; ରାତାରାତି ଧନ ଆସି ବଡ଼ଲୋକ ହୋଇଯିବା।''

ଏଠାରେ ଦୁର୍ନୀତିକୁ କଟାକ୍ଷ କରାଗଲା। ଅନ୍ୟ ଏକ ଉଦାହରଣ 'ଆଶୀର୍ବାଦ' ନାମକ ଦାସକାଠିଆ ବିଷୟ ପରିବେଷଣରେ ଗାୟକ ମାତାପିତାଙ୍କର ପିଲାଙ୍କ ପ୍ରତି ସ୍ନେହ କଥା ବର୍ଣ୍ଣନା କରୁଥିଲେ। ସେଥିରେ ପାଳିଆ କହିଲେ, ''ପୂର୍ବକାଳରେ ସେମିତି ଥିଲା, ହେଲେ ଏବେ ସବୁ ବଦଳିଗଲାଣି। ମା ଛୁଆକୁ ଗୀତ ଗାଇ ଶୁଆଇ ଦେଇଗଲା। ବାପା ତାକୁ ଜଗିଛି। ଛୁଆ ଉଠି କାନ୍ଦିଲା, ତେଣୁ ମା ଗୀତ ଗାଇଥିଲା ପରି ବାପା ବି ଗୀତ ଗାଇଲା।'' ଗାୟକ କହିଲେ, ''କ'ଣ ଗାଇଲା।'' ପାଳିଆ କହିଲେ, ''ନା ଗାଇଲା ଧୃବରେ ବାଇଆ ଧୃ, ତୋ ମା ଯାଇଛି କାମକୁ ବୋତଲ ପିଇକି ଶୋ'। କାହିଁକି ବାପା ତାକୁ କ୍ଷୀର ବୋତଲ ଦେଲା। ଏଠାରେ ଶିଶୁମାନଙ୍କୁ ବଜାର ଖାଦ୍ୟ ଦିଆଯିବାକୁ ବିରୋଧ କରାଯାଇଛି। ଏହିପରି ପୁରାଣ ଜ୍ଞାନ ଦାନ ସହିତ ସାମାଜିକ କୁପ୍ରଥାର ମଧ୍ୟ ନିନ୍ଦା କରାଯାଏ ଏଥିରେ।

ଦାସକାଠିଆ ପରିବେଷଣ ନିମିତ୍ତ କୌଣସି ସ୍ୱତନ୍ତ୍ର ପ୍ରସ୍ତୁତି ବା ଷ୍ଟେଜ୍ ଓ ସାଜସଜ୍ଜାର ଆବଶ୍ୟକ ନ ଥାଏ। ଏହା କୌଣସି ଖୋଲାଜାଗାରେ କିମ୍ବା ମନ୍ଦିର ପ୍ରାଙ୍ଗଣରେ ପରିବେଷଣ କରାଯାଏ। ଏହାର ପରିବେଷଣ ଅବଧି ଦୁଇରୁ ଚାରି ଘଣ୍ଟା ହୋଇଥାଏ। ଏହା ପ୍ରାୟତଃ ସନ୍ଧ୍ୟା ସମୟରେ ପରିବେଷଣ ହୋଇଥାଏ। ପୂର୍ବକାଳରେ ଏହା ମନୋରଞ୍ଜନ ଓ ଜ୍ଞାନବର୍ଦ୍ଧକ ରୂପେ ଉଭା ହୋଇଥିଲା।

ଦାସକାଠିଆ ଆରମ୍ଭରେ ନୀଚ ଜାତିର ଲୋକମାନଙ୍କ ଦ୍ୱାରା ପରିବେଷିତ ହେଉଥିଲା। ଏହା ଧୀରେ ଧୀରେ ଉଚ୍ଚ ଜାତି ବ୍ରାହ୍ମଣ ଆଦିଙ୍କ ଦ୍ୱାରା ପରିବେଷିତ ହେଲା। ଦାସକାଠିଆ, ପାଲା, ଘୋଡ଼ାନାଚ ଇତ୍ୟାଦି ପ୍ରାୟତଃ ଏକପ୍ରକାର, କେବଳ ପରିବେଷଣ ଶୈଳୀ ଭିନ୍ନ ଭିନ୍ନ ହୋଇଥାଏ।

ବର୍ତ୍ତମାନ ଫିଲ୍ମ, ମୋବାଇଲ୍, ୱାଇଫାଇ ଓ ଥ୍ରି-ଜି ଯୁଗରେ ଦାସକାଠିଆର ପରିବେଷଣ ପ୍ରାୟତଃ ଲୋପ ହୋଇଗଲାଣି। ଏହାକୁ ବଞ୍ଚାଇ ରଖିବା ଓ ପୁନରୁଦ୍ଧାର ନିମନ୍ତେ ବର୍ତ୍ତମାନ ସରକାରୀ ଓ ବେସରକାରୀ ସ୍ତରରେ କାର୍ଯ୍ୟ କରାଯାଉଛି। ଦାସକାଠିଆଗୁଡ଼ିକର ଭିଡିଓ ସୁଟିଂ କରାଯାଇ କ୍ୟାସେଟ୍ ଓ ଇଣ୍ଟରନେଟ୍‌ରେ ଛଡ଼ାଯାଉଛି ସହଜଲବ୍ଧ ଓ ଜନାଦୃତ ହେବା ନିମନ୍ତେ।

ଆମେମାନେ ମଧ୍ୟ ଏହାକୁ ଦେଖି ନିଜ ପରପିଢ଼ିକୁ ଦେଖିବା ନିମନ୍ତେ ଉତ୍ସାହିତ କରିବା ଉଚିତ। ଏହାଦ୍ୱାରା ସେମାନେ ଜାଣିବେ ଯେ ଆମ ପରମ୍ପରା କେତେ ଋଦ୍ଧିମନ୍ତ, ଉଚ୍ଚକୋଟୀର ଓ କେତେ ଗଭୀର ସାବଲୀଳ। ଏହା ଆମର କର୍ତ୍ତବ୍ୟ ହେବା ଅଟେ।

ଆନନ୍ଦେ ଏକବାର ହରିବୋଲ।

**କୁଆଲା ଲମ୍ପୁର, ମାଲେସିଆ**



Bratati Priyadarshini Swain is a home maker based in Kuala Lumpur. She lives to read. She is an avid writer of stories, poems and anecdotes. She performs odissi dance too. She has earned recognitions from renowned organisations like Sanatan Smruti Sansad, Nishigandha Sahitya Sansad, Loharkhandi Sahitya Sansad and many others for her contributions to odia literature.

# ଅନ୍ଧାର

## ଦୁର୍ଗେଶ ନନ୍ଦିନୀ ଦାଶ



ଦିନେ ମା' କହୁଥିଲା, ଅନ୍ଧାର ହେଲାଣି, ଘରକୁ ଚାଲିଆସ। ଆଲୋ, ଆଲୁଅ ଗଲାଣି ପରା, ଅନ୍ଧାର କେତେ ବହଳ ହେଲାଣି, ତମୁକୁ କ'ଣ ଜଣାପଡୁନି, ଆଉ କେତେ ଖେଳିବ, ଘରକୁ ଆସ। ଅନ୍ଧାରକୁ ସମସ୍ତଙ୍କର କେତେ ଭୟ ସତେ!!! କିନ୍ତୁ ବୟସ ବଢ଼ିବା ସଂଗେ ସଂଗେ ସେ ଭୟଟି ଧୀରେ ଧୀରେ କୁଆଡ଼େ କମି କମିଯାଏ ଓ କେତେକାଂଶରେ ଉଭେଇ ମଧ୍ୟ ଯାଇଥାଏ। କିନ୍ତୁ ମୁଁ, ଆଜି ପରିପକ୍ୱ ବୟସରେ ମଧ୍ୟ ସେଇ ଅନ୍ଧାରକୁ ଡରୁଛି। ମା'ର ପଣତକୁ ଖୋଜୁଛି, ଅନ୍ଧାରର ଭିନ୍ନ ଏକ ରୂପରେଖକୁ ସାମ୍ନା କରୁଛି।

ଘରସଂସାର କରି, ଚାକିରିରେ ରହି, ଏତକ ସମୟ ଭିତରେ ବହୁତ ଗୁଡ଼ାଏ ଭିନ୍ନ ଭିନ୍ନ ଅନୁଭୂତି ସାଉଁଟି ହେଲାଣି। ବାପା ମୋର ରେଳବାଇ ବିଭାଗରେ ସରକାରୀ କିରାଣିଟିଏ ଥିଲେ। ବଲାଙ୍ଗୀର ସହରରେ ଆମକୁ ଦୁଇ ବଖରା କ୍ୱାର୍ଟରଟିଏ ମିଳିଥାଏ। ମୋତେ ମିଶେଇ ଆମେ ତିନି ଭାଇ ଭଉଣୀ, ପାଞ୍ଚପ୍ରାଣୀ କୁଟୁମ୍ବ ସୁରୁଖୁରୁରେ ଆମେ ଚଳିଯାଉ। ଅଭାବ ଥିଲେ ମଧ୍ୟ କେବେ ଅସୁବିଧାର ଅନୁଭବ ହୋଇନାହିଁ। ମା' ଓ ବାପା ଦୁହେଁ ଆମ ତିନିଜଣଙ୍କ ପାଠପଢ଼ା ପ୍ରତି ବହୁତ ଗୁରୁତ୍ୱ ଦିଅନ୍ତି। ମା' ଆମକୁ କେତେ ପୁରାଣ, କାବ୍ୟ, ଉପନିଷଦ୍ ସବୁ ଶୁଣାଇ ବହୁତ ଅନୁପ୍ରାଣିତ କରେ। ତାହା ତ ସ୍ୱାଭାବିକ କଥା। ସବୁ ବାପା, ମା'ମାନେ କରନ୍ତି। କିନ୍ତୁ ଅସ୍ୱାଭାବିକତା ସେତେବେଳେ ଆସେ, ଯେତେବେଳେ ପିଲାମାନେ ଠିକ୍ କ'ଣ ବୁଝି ନ ପାରି, ଅବାଟେ ଚାଲିଯା'ନ୍ତି... ଅନ୍ଧାର ଭିତରକୁ ଠେଲି ହେଇଯା'ନ୍ତି।

ଆମ କ୍ୱାର୍ଟରଠାରୁ ଚାରିଟି କ୍ୱାର୍ଟର ଛାଡ଼ି ଅଫିସର କ୍ୱାର୍ଟର୍ସ ଆରମ୍ଭ ହୁଏ। ଅଫିସର କ୍ୱାର୍ଟର୍ସର ଦ୍ୱିତୀୟ ଘରେ ରୁହନ୍ତି ମହାରଣାବାବୁ। ତାଙ୍କ ପୁଅ ଅବିନାଶ ମୋ ସହପାଠୀ ଓ ତାଙ୍କ ଝିଅ ଅନୁ ମୋ ସାନଭଉଣୀ ମିତାର ସହପାଠୀ। ଆମେ ସ୍କୁଲ୍ ଗଲାବେଳେ ସମସ୍ତେ ସାଙ୍ଗହୋଇ ଯାଉ। ମୋ ସାନ ଭାଇ ରିଙ୍କୁର ସ୍କୁଲ୍ ପାଖରେ, ଆମ ସ୍କୁଲ୍ ଗଲାବାଟରେ, ତାକୁ ସେଠି ଛାଡ଼ିଦେଇ ଆମେ ଯାଉ। ଅବିନାଶ ଭାରି ଭଲ ପାଠପଢ଼େ ବୋଲି ତା'ର ଭାରି ଗର୍ବ। ସେ କାହା ସହିତ ମିଶେନାହିଁ କି କଥା କହିବାକୁ ମଧ୍ୟ ଭଲପାଏ ନାହିଁ। ମାଟ୍ରିକ୍ ପରୀକ୍ଷାରେ ମୁଁ ଆଉ ସେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଲୁ। ଅବିନାଶ ୮୬ ପ୍ରତିଶତ ନମ୍ବର ରଖି ଆମ ସ୍କୁଲ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ସେ ସହରକୁ ଚାଲିଗଲା ବଡ଼ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ। ଅନୁ ଓ ମିତା କିନ୍ତୁ ଖୁବ୍ ଭଲ ସାଙ୍ଗ। ସେ ଦୁହେଁ

ଏକାଠି ଖେଳନ୍ତି, ପାଠ ପଢ଼ନ୍ତି, ବୁଲି ଯାଆନ୍ତି। ତାଙ୍କ ଭିତରେ ବନ୍ଧୁତା ଖୁବ୍ ନିବିଡ଼। ସମୟ ସହିତ ତାଳଦେଇ ପାଠପଢ଼ା ମଧ୍ୟ ଆଗେଇ ଚାଲିଥାଏ। ମଝିରେ ମଝିରେ ଛୁଟିଦିନମାନଙ୍କରେ ଅବିନାଶ ଆସେ, ପୁଣି ଚାଲିଯାଏ। ଅନୁ ଆସି କୁହେ, ଭାଇ ଆସିଥିଲା, ବାପା ଖୁବ୍ ରାଗୁଥିଲେ, କିନ୍ତୁ କେଉଁ କାରଣ ପାଇଁ ଆମେ ସଠିକ୍ ଜାଣିନୁ। ମୁଁ କୁହେ ତୁ ପିଲାଲୋକ, ଭାଇ କ'ଣ ଗୋଟେ ଭୁଲ୍ କରିଥିବ। ଅନୁ କୁହେ- ତମେ ଜାଣିନ ଅପା, ଭାଇ ଭାରି ବଦଳିଗଲାଣି। ମୁଁ ଭାବେ, କୋଉ ଭଲପିଲାଟା ଥିଲା କି ତୋ ଭାଇ, କାହାରିକି ଖାତିର କରେନି କି ପଦେ କଥା କୁହେନି, ପଣ୍ଡିତଟା ତ! ହୁଁ, ଭାରି ଗର୍ବ।

ମୋର ଯୁକ୍ତଦୁଇ ସରିଲାବେଳକୁ ବାପାଙ୍କର ବଦଳି ହୋଇଯାଇଥାଏ ସମ୍ବଲପୁରକୁ। ସାଙ୍ଗସାଥୀ ସବୁ ବଦଳିଯା'ନ୍ତି ସ୍କୁଲ୍ କଲେଜ ସହ। ମଝିରେ ମଝିରେ ମୋର ଅବିନାଶ କଥା ଭାରି ମନେପଡ଼େ। କ'ଣ କରୁଛି, ଯୁକ୍ତଦୁଇ ପରେ କ'ଣ ପଢ଼ିଲା, କୋଉଠି ଅଛି, ଏସବୁ କଥା। ମୁଁ ଯୁକ୍ତଦୁଇ ପରେ ସି.ଟି. ପଢ଼ିଲି। ବାପାଙ୍କର ଏକଜିଦ୍, ତୁ ଶିକ୍ଷୟିତ୍ରୀ ହବୁ। ଶିକ୍ଷା ଦେବାଠାରୁ ମହତ୍ କାର୍ଯ୍ୟ ଦୁନିଆରେ ନାହିଁ। ତୁ ପିଲାମାନଙ୍କୁ ଅନ୍ଧାରରୁ ଆଲୁଅର ବାଟ ଦେଖାଇବୁ। ତୁ ଦେଶର ଭବିଷ୍ୟତ ଗଢ଼ିବୁ। ହଁ, ସତକଥା, ଯେଉଁ ଅନ୍ଧାରକୁ ମୁଁ ଡରେ, ଅନ୍ତତଃ କିଛି ପିଲାଙ୍କର ସେ ଡରଟାକୁ ମୁଁ କାଳେ ଦୂରେଇ ଦେଇ ପାରିବି। ମୁଁ ଚେଷ୍ଟା କରିବି ବାପା, ନିଷ୍ଠାର ସହିତ କରିବି।

x x x

ଆଜି ଦୀର୍ଘ ୧୨ ବର୍ଷ ପରେ ମୁଁ ବୁଲିଆସିଛି ବଲାଙ୍ଗୀର ସହରକୁ। ଏକା ନୁହଁ, ସ୍ୱାମୀଙ୍କ ସହ। ଚାରି ବର୍ଷ ହେଲା ମୋର ବାହାଘର ହୋଇଗଲାଣି। ମୁଁ ଶିକ୍ଷକତାରେ ଯୋଗଦେବାର ଦୁଇବର୍ଷ ପରେ ମୋର ବାହାଘର ହେଲା। ବାପା ମୋ ପାଇଁ ଯୋଗ୍ୟ ବରପାତ୍ରଟିଏ ଖୋଜି ଖୋଜି ହାଲିଆ ହୋଇପଡ଼ିଥିଲେ। ଶେଷରେ ବିପିନବାବୁ ହିଁ ତାଙ୍କ ମନକୁ ଜିଣିପାରିଥିଲେ। ବିପିନବାବୁ ସେକ୍ରେଟେରିଏଟ୍‌ରେ ଜଣେ ଉଚ୍ଚପଦସ୍ଥ ଅଧିକାରୀ। ଆମେ ରାଜଧାନୀରେ ରହୁ। ସାନ ଭଉଣୀ ମିତା ପାଇଁ ଗୋଟେ ବରପାତ୍ର ଦେଖିବା ପାଇଁ ବଲାଙ୍ଗୀର ଆସିବାକୁ ପଡ଼ିଲା। ଉଦ୍ଦେଶ୍ୟଟା ସେଇଆ ଥିଲେ ମଧ୍ୟ, ମନଟା ଥିଲା ଯାଇ ଟିକେ ଆମ ପୁରୁଣା ଜାଗାଆଡ଼େ ବୁଲିଆସନ୍ତି। ଅବିନାଶ ଘର ସେଠି ଆଉ ଅଛନ୍ତି କି ନାହିଁ ଦେଖିଆସନ୍ତି। ଅନ୍ତତଃ କିଛି ତ ଖବର ପାଆନ୍ତି ତା' ବିଷୟରେ। ମୋର ଜାଣିବାକୁ ଭାରି ଇଚ୍ଛା, ସେ କେଉଁଠି ଅଛି, କ'ଣ କରୁଛି। ବିପିନବାବୁଙ୍କୁ ଆଗରୁ କହିଥିଲି, ଯେମିତି ହେଲେ ସମୟ ବାହାର କରି ଆମ ପୁରୁଣା ବସା ଆଡ଼େ ଯିବା। ସନ୍ଧ୍ୟା ହେଇ ଆସୁଥାଏ, ଆମେ ସେଇ ପୁରୁଣା ରାସ୍ତାଦେଇ ଆଗଉଥାଉ ଆମ ପୁରୁଣା ବସା ଆଡ଼େ। ମୋ ସ୍କୁଲ୍, ସେଇ ଧାନବିଲ, ସବୁ ମନେ ପକେଇ ଦେଉଥାଏ କେତେ ପୁରୁଣା ସ୍ମୃତିସବୁ।



ମୋ ହୃଦୟଟା ଆନ୍ଦୋଳିତ ହଉଥାଏ। କାହିଁକି କେଜାଣି, କ'ଣ ଅବିନାଶ ପାଇଁ? ନା'ମ.... ବିଶ୍ୱାସ କରନ୍ତୁ, ତା' ପ୍ରତି ମୋର ଟିକେ ବି ଦୁର୍ବଳତା ନାହିଁ। ବରଂ ତା' ଉପରେ ମୁଁ ବିରକ୍ତି ହୁଏ, ସେ ଗର୍ବୀ ବୋଲି। ତା'ପରେ.... ମୁଁ ବିବାହିତା, ପୁଣି ସ୍ୱାମୀଙ୍କ ସାଙ୍ଗରେ ଯାଉଛି। ସେ ମୋର ଖାଲି ଏକ ସହପାଠୀ, ତା'ଠୁ ବେଶୀ କିଛି ନୁହଁ। ତାଙ୍କ ଘର ଡେଇଁ ଆମ ଘର ପଡ଼େ। ତାଙ୍କ ଘର ପାଖରେ ମୁଁ କହିଲି, ଟିକେ ଗାଡ଼ି ରଖ। ଓହ୍ଲେଇଯାଇ କବାଟ ଖଡ଼ଖଡ଼ କଲି। ଜଣେ କିଏ ୨୫/୨୬ ବର୍ଷର ପିଲାଟେ ଆସିଲା ବାହାରକୁ। ମୁଁ ଭାବିଲି ଏ ଅବିନାଶ କି? ନା, ନା, ଏ ଚେହେରାଟା ଅଲଗା ପ୍ରକାରର। ମୁଁ କହିପକେଇଲି, ଅବିନାଶ? ମାନେ ମହାରଣାବାବୁ ଏଠି ରୁହନ୍ତି? ପିଲାଟା କହିଲା, ନା, ମୁଁ ଜାଣିନି। କିନ୍ତୁ ଆମେ ଏଠି ଛଅ ବର୍ଷ ହେଲା ରହିଲୁଣି। ସାହିପଡ଼ିଶା ପଚାରିବାକୁ ଆଉ ସାହସ ହେଲାନି। ନିଶ୍ଚିତ ଭାବେ ମାଉସାଙ୍କର ବଦଳି ହୋଇଯାଇଛି। ଆମ ଘର ଆଡ଼େ ଆଗେଇ ଗଲି ମୁଁ। ଦେଖିଲି ସବୁ ସେମିତି ଅଛି। କିଛି ବଦଳିନି। କିଛିକ୍ଷଣ ସେଠି ଚୁପ୍‌ଚାପ୍ ଠିଆହେଇ ପୁରୁଣା ସ୍ମୃତି ଓ କୋଳାହଳସବୁକୁ ଅନୁଭବ କରିବାକୁ ଚେଷ୍ଟା କରୁଥିଲି। ବିପିନବାବୁ କହିଲେ, ଅନ୍ଧାର ହେଲାଣି, ଗାଡ଼ି ଭିତରକୁ ଆସ। ହଁ, ହଁ.... ଭଲ କଲ ମନେ ପକେଇଦେଲ, ଅନ୍ଧାର ହେଲାଣି....

ତା' ପରଦିନ ଆମେ ଭୁବନେଶ୍ୱର ଫେରିଆସିଲୁ। ସେଦିନ ରବିବାର ଥାଏ। ଏତେ ବାଟ ଗାଡ଼ିରେ ବସି ଖୁବ୍ ହାଲିଆ ଲାଗୁଥାଏ। ମୁଁ କହିଲି, ଆଜି ରାତିଟା ବାହାରେ ଖାଇଦେଲେ ହୁଅନ୍ତାନି। ଇଏ କହିଲେ, ହଁ'ମ, ମୁଁ ବି ସେଇଆ ଭାବୁଥିଲି। ସକାଳ ପାଇଲେ ତୁମେ ସ୍କୁଲ୍ ଯିବ, ମୁଁ ଅଫିସ୍। ଆଜିଟା ଅନ୍ତତଃ ରୋଷେଇରୁ ଅବସର ନିଅ।

ଖାଇପିଇ ଦୁହେଁ ଘରମୁହାଁ ହେଲୁ। ରାତି ପାଖାପାଖି ଦଶଟା ହବ। ଏ ସହରରେ ମୋର ଅନ୍ଧାର ପ୍ରତି ଥିବା ଡରଟା କମି ଯାଇଥାଏ। ପୁଣି ବିପିନବାବୁଙ୍କ ସାଙ୍ଗରେ ରହିଲା ପରେ, ଆଉ କ'ଣ ଭୟ! ଇଏ ଗାଡ଼ି ଚଳାଉଥା'ନ୍ତି। ରାସ୍ତା ଅଳ୍ପ ଭିଡ଼ ଥାଏ। ହଠାତ୍ ବ୍ରେକ୍ ମାରିଲେ, ଜଣେ କିଏ ଆମ ଗାଡ଼ି ଆଗକୁ ଆସି ତଳେ ପଡ଼ିଗଲେ। ଆମେ ବ୍ୟସ୍ତ ହୋଇ ଓହ୍ଲେଇ ପଡ଼ିଲୁ, ଗାଡ଼ି ଆଉ ମାଡ଼ ହୋଇଯାଇନି ତ ସେ ଲୋକ ଦେହରେ! ଆରେ ସେ ତ ବେହୋସ। ଲୋକ ସବୁ ଗଦା ହୋଇପଡ଼ିଲେ ଓ ୟାଙ୍କୁ ଦୋଷ ଦେବାକୁ

ଲାଗିଲେ। ସେ ଲୋକକୁ ଓଲଟାଇ ସିଧା କଲେ ସମସ୍ତେ। ମୁଣ୍ଡ ଫାଟି ରକ୍ତ ବୋହିଯାଉଛି। ମୁଁ ଦୌଡ଼ିଗଲି ଗାଡ଼ିରୁ ପାଣିବୋତଲ ଆଣିବା ପାଇଁ। ପାଣି ପିଇବାକୁ ଦେଲାବେଳକୁ ଦେଖେ ତ.. ସେ ଅବିନାଶ। ଅବିନାଶ, ଅବିନାଶ... ତମେ ଠିକ୍ ଅଛ ତ? ମୁଁ ତରୁଲତା। ଅବିନାଶ ପାଟିରୁ କଥା ବାହାରୁନି, ବାହାରୁଚି ବିକୃତ ଏକ ଗନ୍ଧ। ବିପିନବାବୁ କହିଲେ, ଏ ମଦ୍ୟପାନ କରିଛନ୍ତି। ଚାଲ, ତାଙ୍କୁ ଆଗ ମେଡିକାଲ୍ ନେଇଯିବା। ଆମେ ତାଙ୍କୁ ମେଡିକାଲ୍ ନେଇ ପଟି କରାଇ ଘରକୁ ନେଇ ଆସିଲୁ। ରାତି ସେତେବେଳକୁ ବାରଟା ହେଲାଣି। ତାଙ୍କୁ ଗେଷ୍ଟରୁମ୍‌ରେ ଶୁଆଇଦେଇ ଆମେ ଶୋଇପଡ଼ିଲୁ। ସକାଳୁ ଉଠି ଦେଖେ ତ ଅବିନାଶ ଉଠିନି। ମୁଁ କହିଲି, ଆଜି ମୁଁ ସ୍କୁଲ୍ ଯିବିନି। ତାକୁ ଏମିତି ଏକା ଛାଡ଼ି ମୁଁ ବା କେମିତି ଯିବି, କାଳେ କ'ଣ ଦରକାର ହବ। "ହଉ, ଠିକ୍ ଅଛି" କହି ଇଏ ବାହାରିଗଲେ। ମୁଁ ରୋଷେଇରେ ବ୍ୟସ୍ତ ରହିଲି। ଅନୁଠାରୁ ଥରେ ଶୁଣିଥିଲି ଭାଇକୁ ବେସର ଭାରି ଭଲଲାଗେ। ଭାରି ମନକରି, ଯାହା ପରିବାସବୁ ଥିଲା, ବେସର ଟିକିଏ କଲି। ତା' ରୁମ୍‌ର କବାଟ ଅଧାଖୋଲା ରଖି ମୁଁ ହଲ୍‌ରେ ଟିଭି ଦେଖୁଥାଏ। ଦିନ ପ୍ରାୟ ଏଗାରଟା ବେଳକୁ ସେ ଉଠିଲା। ମୁଁ ଦେଖିକି ପାଣି ଗ୍ଲାସ୍‌ଟା ନେଇ ଦୌଡ଼ିଗଲି। ପାଣି ବଢ଼େଇ ଦଉ ଦଉ ସେ କହିଲା, କିଏ ତମେ? ମୁଁ କେଉଁଠି? ମୁଁ କହିଲି, ମୁଁ ତରୁଲତା। କ'ଣ ଚିହ୍ନିପାରୁନୁ? ତମ ଘର ପାଖେ ରହୁଥିଲୁ, ସାଙ୍ଗହେଇ ସ୍କୁଲ୍ ଯାଉଥିଲୁ। ସେ କହିଲା, ହଁ, ହାଁ। ମୁଁ ରାତିର ଘଟଣା ସବୁ କହିଲି। ସେ ବୋଧେ ଟିକେ ସଂକୀର୍ଣ୍ଣ ମନେ କରୁଥିଲା। ତାକୁ କହିଲି ଗାଧୋଇପଡ଼, ମୁଁ ଖାଇବା ବାଢୁଛି। କହିଲା, ନା, ମୁଁ ଚାଲିଯିବି। ଖଟରୁ ଓହ୍ଲେଇ ପଡୁ ପଡୁ ପୁଣି ପଡ଼ିଗଲା। ମୁଁ ଜୋର୍ କରି ଧରିପାରିଲିନି ତାକୁ। ବ୍ୟସ୍ତ ହୋଇ ଡକେଇଦେଲି ବିପିନବାବୁଙ୍କୁ। ପୁଣି ଦିନ ଦୁଇଟା ପାଖାପାଖି ସେ ଉଠିଲା। ଇଏ ଗପସପ କରି ତାକୁ ଟିକେ ପ୍ରକୃତିସ୍ଥ କରାଇବାକୁ ଚେଷ୍ଟା କରୁଥିଲେ। ସେ ଗାଧୋଇ ଆସି ଆମ ସଂଗେ ଖାଇବସିଲା। ବେସର ଦେଖି ବହୁତ ଖୁସି ହୋଇଗଲା। କହିଲା, କେତେ ବର୍ଷ ହେଲା ଖାଇ ନ ଥିଲି। ମୁଁ କହିଲି, କାଇଁ, ମାଉସୀ ତ ବଢ଼ିଆ କରନ୍ତି ବେସର। ରହସ୍ୟାତ୍ମକ ହସଟେ ହସି କହିଲା, ମୁଁ ଆଉ ସେ ଘରର ପୁଅ ହୋଇନାହିଁ ଲୋ, ବାପା ମତେ ଘରୁ ବାହାର କରିଦେଲେ। ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ମୁଁ ସବୁକିଛି ପଚାରିବସିଲି। ସେ ବି ସେଦିନ ନିର୍ବିକାର ଭାବେ ସବୁ କହିଚାଲିଲା। ଯୁକ୍ତଦୁଇ ପରେ ସେ architecture ପଢ଼ିଲା। ସାଙ୍ଗସାଥୀଙ୍କ ସହିତ ମିଶି ମଦ୍ୟପାନ କଲା। ମଉସା ପଠାଉଥିବା ଟଙ୍କା ସବୁ ସାଙ୍ଗମେଳରେ ଉଡୁଥିଲା। ଦିନେ କଲେଜରୁ ଚିଠି ପହଞ୍ଚିଲା ଘରେ। କିଛି ନ କହି ମଉସା ଡକାଇ ପଠେଇଲେ। ମିଛ ପରେ ମିଛ.... ତାକୁ ବହୁତ ଗାଳିଦେଲେ, ନିଜକୁ ଧିକ୍ ବୋଲି କହି ତାକୁ ଘରୁ ବାହାର କରିଦେଲେ। ସେଦିନ ରାଗରେ ଅବିନାଶ ତ ପଳେଇ ଆସିଲା ଘରୁ, କିନ୍ତୁ ପାଠପଢ଼ା ରହିଗଲା ଅଧାରେ। ପୁଣି କିଛିଦିନ ପରେ ଘରକୁ ଯାଇ ଦେଖେତ, ମଉସା ସେ ଜାଗା ଛାଡ଼ି ଚାଲିଯାଇଛନ୍ତି। ଅଫିସ୍ ଯାଇ ବୁଝିଲା, ମଉସା volunteer retirement ନେଇ ସେଠୁ ପଳାଇଛନ୍ତି। ଖୁବ୍ ମନସ୍ତାପ କଲା। ସେମାନଙ୍କୁ ବହୁତ ଖୋଜାଖୋଜି ବି କଲା, ହେଲେ ପାଇଲାନି। ପୂରା ଭାଙ୍ଗିପଡ଼ିଲା। ଶେଷରେ ପୁଣି ସହର ଆସି ଟ୍ୟୁସନ୍ କରି କୌଣସିମତେ ପାଞ୍ଚ ବର୍ଷର ପାଠକୁ ସାତ ବର୍ଷରେ ଶେଷ କଲା। ବେଶୀ ଭଲ ନ ହେଲେ ବି ଚଳିଲା ଭଳି ଚାକିରିଟିଏ ବି କରିଛି। କିନ୍ତୁ ବଦଭ୍ୟାସଟି ଛାଡ଼ିପାରି ନାହିଁ। ବରଂ ତାହା ଦିନଚର୍ଯ୍ୟା ଭଳି ତା' ଜୀବନ ସହିତ ସାମିଲ ହେଇଯାଇଛି। ତା' କଥା ଶୁଣି ମୋ ଆଖି ଲୁହରେ ଭିଜି ଯାଇଥାଏ। ଏ କ'ଣ କଲୁରେ ତୁ, ଏତେ ଭଲ ପଢୁଥିଲୁ, ନିଜେ ଜାଣି ଜାଣି ଅନ୍ଧାର ଭିତରକୁ ଠେଲି ହେଇଗଲୁ। ଏବେ ସେ ଅନ୍ଧାର ଭିତରୁ ମୁଁ ତତେ କେମିତି ମୁକାଳିବି ମତେ ତ ବାଟ ଦିଶୁନାହିଁ। ବିପିନବାବୁ ଲୁହ ପୋଛିଦେଇ କହିଲେ, ବ୍ୟସ୍ତ ହୁଅନାହିଁ, ତୁମ ବନ୍ଧୁ ଅବିନାଶକୁ ଅନ୍ଧାରରୁ ଆଲୋକର ବାଟ ଦେଖାଇବ ତୁମେ ଓ ସବୁ ସହଯୋଗ କରିବି ମୁଁ। ମୋତେ ଆଶାର କ୍ଷୀଣ ଆଲୋକ ଟିକିଏ ଦେଖାଗଲା। ମୁଁ ଜୋର୍ କରି କହିଲି, ଠିକ୍ ଅଛି, ଅବିନାଶ... ତୁ ଆଜିଠୁ ଏଇଠି ରହିବୁ। ଏ ଘନ ଅନ୍ଧକାର ଭିତରେ ତୋତେ ଆମେ ରହିବାକୁ ଏକା ଛାଡ଼ିଦେଇପାରିବୁନି। ତୋତେ ଏ ଅନ୍ଧାର ଭିତରୁ ବାହାରି ଆଲୋକର ପଥରେ ଯିବାକୁ ପଡ଼ିବ। ଅନ୍ଧାରକୁ ତ୍ୟାଗ କରିବାକୁ ପଡ଼ିବ, ହଁ... ତ୍ୟାଗ କରିବାକୁ ପଡ଼ିବ।

**ପେନାଙ୍ଗ, ମାଲେସିଆ**



**Durgesh Nandini Das** is a full time mom, housewife preparing for PhD. She is currently staying in Penang, Malaysia.

# ଜୀବନର ସ୍ପୃହା

## ଆରତୀ ପାତ୍ର

କର୍ମମୟ ଜୀବନରେ
ପ୍ରେମ ଦିଏ ଶାନ୍ତି
ଶାନ୍ତିର ବାରତା ନେଇ
ପତ୍ନୀ ଆସିଥା'ନ୍ତି... (୧)

ପତ୍ନୀ ନୁହେଁ ପତି ପାଇଁ
ଝଡ଼ର ବାରତା
ପତ୍ନୀ ସଦା ହୋଇଥାଏ
ପତି ପ୍ରତି କ୍ଷୁଧା... (୨)

କ୍ଷୁଧା ମେଣ୍ଟାଇବା ସଦା
ପତ୍ନୀ ଧର୍ମ ଅଟେ
ପତିବ୍ରତା ନାରୀ ସଦା
ସର୍ବ ମନ ତୋଷେ... (୩)

ପତ୍ନୀ ମନେ ଆସିଥାଏ
ଯେବେ ଦୁଃଖ ବାର୍ତ୍ତା,
ପତ୍ନୀ ତା'ର ମନେ ଜାଣି
ଶାନ୍ତି ଦେବା କଥା... (୪)

ଉତ୍କର୍ଷ ଜୀବନ ଏଇ
ବିଡ଼ମ୍ବନା ନୀତି
ଦୁଃଖ ସୁଖ ସର୍ବ ଏ ତ
ଦଇବର ଗତି... (୫)

ଯେପରି କଥାରେ କହୁ
ଦଇବ ଦଉଡ଼ି ମଣିଷ କାଟେ
ସେପରି କହନ୍ତି ସର୍ବେ
ପତିର ସର୍ବଦା ଦୁଃଖ ଓ ସୁଖ
ପତ୍ନୀ ବିନା ନାହିଁ ମିଟେ... (୬)

ପତି ଏକ ଫୁଲ ପରି
ପତ୍ନୀ ତା'ର ବାସ୍ନା
ଦୁହେଁ ରହେ ଏକ ଗଛେ
ପରସ୍ପର ଜ୍ୟୋସ୍ନା... (୭)

ଫୁଲ ଫଳ ଯେଉଁ ପରି
ଗୋଟିଏ ଗଛର
ପତି ପତ୍ନୀ ହୋଇଥା'ନ୍ତି
ଗୋଟିଏ ଆତ୍ମାର... (୮)

**Aarati Patra**, a home maker stays at Kuala Lumpur with her husband Jeetu Patra and daughter. She writes poems and love to dance.



# ଜାଗରେ ପ୍ରବାସୀ ଓଡ଼ିଆ

ଅଳକା ନନ୍ଦ

ପ୍ରବାସୀ ଓଡ଼ିଆ ଅଛ କୋଉଠି
ଆସ ସବୁ ହେବା ଆମେ ଏକାଠି। (୧)
ଓଡ଼ିଆ ଭାଷାକୁ ଡୁବାଅ ନାହିଁ
ଏମିତି ଭାଷାଟେ ଅଛି କି କାହିଁ? (୨)
ଭୁଲୁଚୁ ଆମେ ଯେ ଆମରି ଭାଷାକୁ
ଦବା କି ସେ ଭାଷା ହଜି ଯିବାକୁ। (୩)
ଭାଷାମାନଙ୍କରେ ଅଟେ ସେ ରାଜା
ସେ ଭାଷା କହିକି ଦେଖ ତା' ମଜା। (୪)
ଭୁଲିବାକୁ ତାକୁ ଦିଅ ନାହିଁରେ ତାକୁ
ପ୍ରଚାର କର ହେ ନିଜ ଭାଷାକୁ। (୫)
ସବୁ ବର୍ଣ୍ଣ ଅଛି ଆମ ଭାଷାରେ
ତେଣୁ ଆମ ଭାଷା ଅତି ଉଚ୍ଚରେ। (୬)
ମାତୃଭାଷାର ମାନ ସମ୍ମାନ
ତଳେ ନ ପକାଅ ଓଡ଼ିଆ ଧନ! (୭)
ଜାଗରେ ଜାଗ ଓଡ଼ିଆ ଜାତି
ଦେଶ ବିଦେଶରେ ବଢ଼ାଅ ଖ୍ୟାତି। (୮)
ଆମ ସଂସ୍କୃତି ଓ ଆମ ପରମ୍ପରା
ପ୍ରଚାର କରିବା ପୃଥିବୀ ସାରା। (୯)
ପଠାଣି ସାମନ୍ତ ଓ ଧର୍ମପଦ
ବାଲୁତ ବୀର ସେ ବାଜି ରାଉତ। (୧୦)
ଗୋପବନ୍ଧୁ, ପଞ୍ଚସଖା ଆମର
ମଧୁ, ନଦୀ, ପରବତ, ମନ୍ଦିର। (୧୧)
ହଜିଯିବେ ସବୁ ଖାଲି ଏମିତି
ଜାଣିବେନି ତାକୁ ତୁମ ପିଲା ନାତି। (୧୨)
ଚାଲ ମିଶି ଯିବା ଏକାଠି ହୋଇ
ଓଡ଼ିଆ ଭାଷାକୁ ନବା ଆଗେଇ। (୧୩)
ଉଠ ଉଠ ଆରେ ପ୍ରବାସୀ ଓଡ଼ିଆ
କର ତୁମ ଭାଷା ଜଗତେ ଟାଣୁଆ। (୧୪)
ଆଜି ଯଦି ତୁମେ କରିବ ପଣ
ଓଡ଼ିଆ ଭାଷାଟି ଲୁଚିଯିବ ଜାଣ। (୧୫)





**Alaka Nanda** wife of Prof. Dr. Janardan Nanda, Dean n Prof in Electrical Engineering in IIT Delhi loves to Read and Write. Her hobbies are Writing, Painting, Stitching n Cooking.

# ଶିଖା

**ହରପ୍ରିୟା ମିଶ୍ର**



Harapriya Misra loves writing. She was one of the founding member of Odia Literary Club Chandrika at HAL township Sunabeda.

ମୁଁ ନାରୀ
ସଂଜ୍ଞା ମୋର ଶିଖା
କିନ୍ତୁ; ମୁଁ ନୁହେଁ ଦୀପରୁ ସଂଭୂତା
ମୁଁ ସୃଷ୍ଟିର ଏକ ଅଙ୍ଗ
ନିଜେ ଜଳି ଆଲୋକିତ କରେ
ମୋ ଗୃହପ୍ରାଙ୍ଗଣ,
କିନ୍ତୁ ମୁଁ ନୁହେଁ ଦୀପର ସଳିତା।
ସେ ଜଳିବାରେ ଥାଏ
ଅପାର ଆନନ୍ଦ; ଯେପରିକି
ସୂର୍ଯ୍ୟ କରେ ଜ୍ୟୋତି ବିକିରଣ
ତୃପ୍ତିରେ ଭରି ଉଠେ ମୋ ମନ ଅଙ୍ଗନ।
ପୁଣି କେତେବେଳେ ପାଲଟିଯାଏ ମୁଁ,
ଅଗ୍ନିର ଲେଲିହାନ ଶିଖା,
ମୋ ଭିତରେ ସୃଷ୍ଟି ହୁଏ ଉତ୍ତପ୍ତ ଲାଭା।
ହୁଏ ମୁଁ ଅନ୍ଧ
ଭାଙ୍ଗେ ଶୃଙ୍ଖଳାର ବନ୍ଧ
ବୁଝି ବି ପାରେନା,
ଏ କି ବିଡ଼ମ୍ବନା ?
ନିଜକୁ ପଚାରେ ମୁଁ ପ୍ରଶ୍ନ,
କିପରି ବିପରୀତ ଧର୍ମ
ଏକାକାର ହେଲା ମୋ’ଠାରେ ?
କିନ୍ତୁ ଚେଷ୍ଟାକରେ,
ମୁଁ “ଶିଖା”
ମୁଁ ହେବି ଦୀପର ସଳିତା,
ଜଳି ଜଳି ହେବି ମୁଁ ନିଃଶେଷ,
କର୍ମ ପରିସର ମୋର ନୁହେଁ
ମୋ ଗୃହପ୍ରାଙ୍ଗଣ,
ମୋ ଜ୍ୟୋତିରେ ସାରା ବିଶ୍ୱ ହେବ ଉଦ୍ଭାସିତ।

**ଟଙ୍କପାଣି ରୋଡ୍, ଭୁବନେଶ୍ୱର**

# କବି ତୁମେ ନର ଅବା ନାରୀ ?

**ଡ. ବିନୋଦିନୀ ପାତ୍ର**

କବି ! ତୁମେ
ଯେବେଠୁଁ ଆଙ୍କିଚ
ଶବ୍ଦରେ ଶବ୍ଦରେ
ଲହରୀର ରୂପ,
ଲେଖିଚ, ଲତାର ବିଳାପ,
ଢେଉର ସଂଳାପ,
ସେବେଠୁଁ
ହାରିସାରିଚ ନିଜ ପରିଚୟ,
ଠିକଣା ଭୁଲିଚ,
ଜାତିଗୋତ୍ର ଜନ୍ମ ଓ ଲିଙ୍ଗର
ରଖିନ ହିସାବ।
ଏକଥା ତୁମେ ନିଜେ କି ଜାଣିଛ ?

କହିପାରିବ ?
କବିତା ଲେଖା ବେଳେ
ତୁମେ କେଉଁ ରୂପେ ଥାଅ,
ନର ଅବା ନାରୀ ?
ଈଶ୍ୱର ନା ପରୀ ?
ଅଥବା ଉଭୟ।

ଝକମକି ପଥରରୁ
ନିଆଁ ଉପୁଜାଇବା ପରି
ଯେବେ ତମ ଅସ୍ମିତାରୁ
ସ୍ୱତଃ ହୁଏ ଅଗ୍ନିର ସ୍ଫୁରଣ,
ବଜ୍ର ଘଡ଼ଘଡ଼ି ବନେ
ତମର ସ୍ଲୋଗାନ,
ଊର୍ଦ୍ଧ୍ୱମୁଖି ହୁଏ,
ଯେତେ ତମ ପ୍ରତିଜ୍ଞା ପ୍ରତ୍ୟୟ,
ସେତେବେଳେ
କ'ଣ ଥାଏ ତମ ପରିଚୟ ?
ଆଉ ଯେବେ
କଳା ବଉଦ ଉହାଡୁ ଦିଶେ
ଚନ୍ଦ୍ରର ଚେନାଏ,
ସୂର୍ଯ୍ୟରଶ୍ମି ରଙ୍ଗେ
ଘଞ୍ଚ ଗଛପତ୍ର ଗହଳରୁ
ନେଲ୍ଲି ନେଲ୍ଲି କୃଷ୍ଣଚୂଡ଼ା ହସେ,
ଲେଖନୀ ଗାରରୁ ତମ
ଆଷାଢ଼ର ଆଦ୍ୟ ଧାର ପରି,
ଅରୂପର ରୂପଟି ପ୍ରକାଶେ,
ସେତେବେଳେ ତୁମେ ହୁଅ
କି ଭାବେ ପ୍ରକଟ ?
ନର ନା ଲଳନା,
ତମକୁ କି ଜଣା ?

କବିତା ଜାଣେନା,
କେତେବେଳେ କାହାହାତୁ
କେଉଁ ରୂପ ନେବ,
କେବେ ଦ୍ରୁମ ଅବା ତୃଣ ହେବ,

କେବେ ହେବ ବଜ୍ରବାଣ
କେବେ ବଂଶୀସ୍ୱର
ମାର୍ଗଶିର ଝୋଟିଚିତା କେବେ
କେବେ ଅବା ସୁନାମୀ ସ୍ୱାକ୍ଷର।

ତୁମେ ଏ ସବୁର ସ୍ରଷ୍ଟା
କେଉଁ ରୂପେ ବଞ୍ଚିବାକୁ ଚାହଁ ?
କୃଷ୍ଣ ନା ମୋହିନୀ,
କବି ନା କାମିନୀ।
କବି, ତୁମେ ଦ୍ୱିତୀୟ ଈଶ୍ୱର
କାଳେ କାଳେ ଛାଡ଼ିଯାଅ
ଏ ମାଟିରେ ତମ ସୃଜନ ସ୍ୱାକ୍ଷର।
କେବେ ନାରୀ ଭାବେ ବଞ୍ଚି
ପୁଣି କେବେ ନର।

**୨, ଶ୍ରୀ ଟାୱାର୍ସ, ବିଜେବି ନଗର,**
**ଭୁବନେଶ୍ୱର-୧୪, ଓଡ଼ିଶା, ଭାରତ**



**ସୁଲେଖିକା ଅଧ୍ୟାପିକା ଡକ୍ଟର ବିନୋଦିନୀ ପାତ୍ର** ଓଡ଼ିଆ ସାହିତ୍ୟ ଜଗତର ଏକ ପରିଚିତ ନାମ। ଗଳ୍ପ, କବିତା, ଶିଶୁସାହିତ୍ୟ, ଅନୁବାଦ ସାହିତ୍ୟ ପରି ବହୁ ବିଭାଗରେ ତାଙ୍କ ଲେଖନୀ ଚଳଚଞ୍ଚଳ ଅଟେ। ବିଭିନ୍ନ ବିଭାଗର ଲେଖାଗୁଡ଼ିକୁ ପାଠକ ଆଦୃତି ମିଳିବା ସହ ନିଜର ସ୍ୱତନ୍ତ୍ର ସ୍ୱାକ୍ଷର ସୃଷ୍ଟି କରିପାରିଛନ୍ତି ସାହିତ୍ୟ ଆକାଶରେ। ଏହି ସର୍ଜନା ପାଇଁ ସେ ବିଭିନ୍ନ ସ୍ଥାନରୁ ପୁରସ୍କୃତ ଏବଂ ସମ୍ମାନରେ ସମ୍ମାନିତ ହୋଇଛନ୍ତି।



# ଛାଇର ପରିଚୟ

**ବୀଣାପାଣି ପ୍ରଧାନ**

ପୋଖରୀ ଆଡ଼କୁ ନଇଁପଡ଼ି ଆକାଶକୁ ମୁଣ୍ଡ ଟେକିବାକୁ ଚେଷ୍ଟା କରୁଥିବା ଗୋଟେ ଖଜୁରି ଗଛ, ତା' ପାଖକୁ ଦୁଇଟି ଫ୍ରକ୍‌ପିନ୍ଧା ଟିକି ଝିଅର ଗାଢ଼ ଛାଇ ପାଣି ଉପରେ ସ୍ଥିର। ସମବୟସର ଏଇ ଦୁଇ ଛାଇଙ୍କର ଏକା ପ୍ରକାର ଉଚ୍ଚତା, ସ୍ୱାସ୍ଥ୍ୟ, ଦୁଇହଳ ହାତଗୋଡ଼ ଆଉ ଗୋଟାଏ ଲେଖା ମୁଣ୍ଡ ନିରବ ନିଶ୍ଚଳ ଭାବେ ପାଣି ଉପରେ ସ୍ପଷ୍ଟ ଅନୁମେୟ ଓ ଅବିଚଳିତ ଭାବେ ଲାଖିରହିଥିଲା ମୋବାଇଲ୍ ଫୋନ୍‌ର କାଚତଳ ଫଟୋଟିରେ।

ଟୁପ୍‌କରି ଶବ୍ଦଟାଏ ମୋବାଇ ସ୍କ୍ରିନ୍ ଉପରେ। ଚହଲିଗଲା ପୋଖରୀର ନିସ୍ତରଙ୍ଗ ଛାତି, ଦୁଇଟା ଛାଇ। ଚହଲି ପଡ଼ିଲା କାହାର ପିଲାଦିନଟେ ସେଇଠି।

ସିଲୁର ମେସେଞ୍ଜରରୁ ଗୋଟାଏ ମେସେଜ। ଧପ୍‌ଧପ୍ ଦିଶିଗଲା ସିପ୍ରାର ଫୋନ୍‌ରେ:

- ''ଆରେ ଚିହ୍ନିପାରୁଚୁ କି ନାଇଁ ଶରଣି, ମୁଁ ସିଲୁ, କେମିତି ଅଛୁ ଆଉ କୋଉଠି ଅଛୁ?''

ଓଃ ଏଇ ଶରଣି ନାଁଟା ବହୁଦିନ ପରେ କିଏ ଡାକିଲା ଯେ ଚମକିପଡ଼ିଲା ସିପ୍ରା। ଏଇ ନାଁ ପାଇଁ ସିପ୍ରାର ତୀବ୍ର ପ୍ରତିକ୍ରିୟା ପିଲାଦିନୁ। ପିଲାଦିନେ କେଜାଣି, ଭାରି ବାଜେ ଲାଗେ ତାକୁ ଏ ନାଁସବୁ। ସେ କୁଆଡ଼େ ଶରଣ କୁଳରେ ଜନ୍ମ ନେଇଥିଲା ବୋଲି ଜେଜେ ଜେଜେମା ଗେହ୍ଲା କି ଆନନ୍ଦରେ ଡାକୁ ଡାକୁ ସେ ନାଁଟା ତା'ର ସେମିତି ରହିଗଲା। ଯଦିବା ସେ ନାମଟା ବେଶୀ ସଂକ୍ରମଣ କରିପାରିନାହିଁ, ହେଲେବି ତା'ର ପ୍ରଭାବଟା ସିପ୍ରାକୁ ଆଜି ବି ଅସହଜ କରିପକାଏ, ଭାବୁଥିଲା ବୁଢ଼ାବୁଢ଼ୀ କି ଏମିତି ନାଁ ଦିଅନ୍ତି କେଜାଣି? ସବୁ ପୁରୁଣା ଢଙ୍ଗରେ ଏମିତି ନାଁ ଦେବେ ଯେ ମଣିଷ ମୁହଁ ଦେଖେଇ ପାରିବନି। ଏ ନାଁଟା ଆଜି ଦିଲ୍ଲୀ ଯାଏଁ ପହଞ୍ଚିଯିବ ସେକଥା ତା' ମୁଣ୍ଡଟାକୁ ଟାଇଁଟାଇଁ ବଜେଇଲା ବେଳକୁ ମେସେଞ୍ଜରରେ ଆଉ ଗୋଟେ ମେସେଜ ସିଲୁର- ''ମୁଁ ତୋ ପିଲାଦିନର ସାଙ୍ଗ, ଜାଣିପାରିଲୁ? ଆଉ କେମିତି ଅଛୁ କହ? ଆରେ, ମୁଁ ବାହା ହେଇଗଲିଣି ଜାଣିଚୁ, ବହୁତ ଖୋଜି ଆଜି ତୋତେ ଫେସ୍‌ବୁକ୍‌ରୁ ପାଇଲି,'' ପିଲାଦିନର ପାଚିଲା ବରକୋଳି ପରି ଟୁପ୍‌ଟାପ୍ ସିଲୁର ଶବ୍ଦଗୁଡ଼ିକ ଖସିପଡୁଥିଲା ମୋବାଇଲ୍ ଫୋନ୍‌ର କାଚ ଉପରେ। ସିପ୍ରା ଥରେ ସ୍କ୍ରୋଲ୍ କରିଦେଇ ନିରୁତ୍ସାହିତ ଢଙ୍ଗରେ ଫୋନ୍‌କୁ ଚାହିଁ ନିରୁତ୍ତର ରହିଲା। ମେସେଞ୍ଜର ଇନ୍‌ବକ୍ସକୁ ଆସୁଥିବା ଅନ୍ୟ ମେସେଜଗୁଡ଼ିକୁ ଲକ୍ଷ୍ୟ କରୁଥିଲା ଉତ୍ସାହର ସହ।

କିଛି ସମୟ ପରେ ''ଏଚ୍‌ଏମ୍''..ରେ ''ହଁ'' ଟାଇପ୍ କଲା ସିଲୁର ମଧ୍ୟବୟସ୍କ ଚେହେରାର ଫଟୋଟି ଆଡ଼କୁ ଚାହିଁ। ସେ କ'ଣ ଆଉ ନା କହିଥାନ୍ତା ତାକୁ ଚିହ୍ନିନି ବୋଲି ଯାହା ସହ ଖେଳଛୁଟିରେ ଆମ୍ବୁଲ ଖାଉଥିଲା ତା' ଘରର ଚୋରି ଆମ୍ବୁଲରୁ, ଅଧାଦିନ ତା' ଆଳୁଭଜା ପରଟା ଟିଫିନ୍ ବାକ୍ସରୁ ଖାଇବା ଭଲଲାଗେ କହି ନିଜ ଟିଫିନ୍‌ର ଥଣ୍ଡା ହାଲୁଆ ସୁଜିକୁ ତା' ଆଡ଼କୁ ବଢ଼ାଇ ଦେଉଥିଲା, ଆଉ ସ୍କୁଲ୍ ଛୁଟି ହେଉ ହେଉ ବ୍ୟାଗ୍‌ଟାକୁ ଫୋପାଡ଼ିଦେଇ ସିଲୁ ଘରମୁହାଁ ଦୌଡୁଥିଲା ମାଡ଼ଗାଳି ସତ୍ତ୍ୱେ। ବାପାମା'ଙ୍କ ତାଗିଦ୍ ସତ୍ତ୍ୱେ ବହୁତ ଚେଷ୍ଟା ପରେ ବି ତା'ର ଏ ଅଭ୍ୟାସ ବଦଳି ଯାଉ ନ ଥିଲା। ଗୋଡ଼ିମାଟି ପଥରର ରାସ୍ତା ସେତେବେଳେ ଆଜିର ଏ ଦିଲ୍ଲୀର ରାସ୍ତା ଭଳି ସମତଳ କି ଚିକ୍‌ଚିକ୍ ନ ଥିଲା, ତଥାପି ସେ ଚାଲି ଚାଲି ଯାଇ ପାରୁଥିଲା ତା' ପାଖକୁ ପ୍ରତିଦିନ। ଆଜିକାଲି ଯେତେବେଳେ ସମୟ ବିତେଇବାକୁ ସାଙ୍ଗ ଦରକାର ପଡ଼ନ୍ତି ସିପ୍ରାର, ସେ ଯାଏ ଗାଡ଼ି କି ଟ୍ରେନ୍‌ରେ ବୋଧେ ଚାଲିକି ଯିବାକୁ ପଡୁଥିଲେ ସେ ଯାଆନ୍ତା ନାହିଁ। ପିଙ୍କିକୁ ଡ୍ରାଇଭ୍ କରି ଘରେ ଛାଡ଼ିଆସିଲା ପରେ ତା' ପାଖକୁ ଆଉ ଥରେ ଯିବାକୁ ମନ ବଳେ ନାହିଁ। ହେଲେ ପିଲାଦିନେ ସିଲୁ ଘର କାହିଁକି ଆଗ ପହଞ୍ଚି ଯାଉଥିଲା ସ୍କୁଲ୍‌ରୁ ଫେରିଲା ବାଟରେ ବୋଲି ତା'ର ଏକାକୀପଣକୁ ଦୂର କରିବାକୁ ସିଲୁ ତା' ଘର ଯାଏଁ ବାଟ ଚାଲି ଆସି ଫେରୁଥିଲା।

ଆଜିକାଲିକା ପିଲାଙ୍କ ପରି ତାଙ୍କର ପ୍ଲାଷ୍ଟିକ୍ ଖେଳନା ବି ତାଙ୍କ ପାଖରେ ନ ଥିଲା, ନ ଥିଲା ଲୋଭନୀୟ ବ୍ୟାଟେରିଚାଳିତ କି ଆଖିଦୃଶିଆ ଖେଳନା। ଥିଲା କେବଳ କେତେଟା ଶଢ଼େଇ, ରବର କଣ୍ଢେଇ, ଆଉ ଡାଲିଭାତ ରନ୍ଧା କେତେଟା ଡବା ଖୋଳ। ସେଥିରେ ଘମାଘୋଟ ଖେଳ ଚାଲୁଥିଲା। ସବୁ ସରିଗଲା ପରେ ଗୋଟେ ନଡ଼ିଆବାହୁଙ୍ଗା ବ୍ୟାଟ୍‌ରେ ପ୍ଲାଷ୍ଟିକ୍ ବଲ୍‌କୁ ମାରିବାର କିଛି ବୃଥା ପ୍ରୟାସ। ଶେଷକୁ ମୁହଁସଞ୍ଜରେ ସିଲୁ ଘରୁ ଫେରିବା ପୂର୍ବରୁ ତା'ପର କାଲିର ଖେଳ ପାଇଁ ସମୟ, ସ୍ଥାନ ଓ ଆବଶ୍ୟକ ସାମଗ୍ରୀ ପାଇଁ ସବୁର ବ୍ୟବସ୍ଥା ସିଲୁକୁ ଧରେଇଦେବା ଆଜି ବି ସିପ୍ରାର ଜଳଜଳ ମନେପଡ଼େ।

ଖେଳ ସରୁ ନ ଥିଲା ସେତେବେଳେ। ଖରାଦିନିଆ ଛୁଟିରେ ଆମ୍ବକଷି ଗୋଟାଇବା, ଆଉ ବୁଡ଼ାମାରି ଖରାବେଳ ଗାଧୁଆ ଏସବୁ ସହିତ ସିଲୁର

ସ୍ମୃତି କେମିତି ଗୋଟେ ଆଖି ମେଲେଇ ଅନେଇ ରହେ ସିପ୍ରାର ଆଜି ବି ପିଲାଦିନ କଥା ମନେପଡ଼ିଲେ।

ଖେଳଛୁଟିରେ ବେଳେ ବେଳେ ସିଲୁର ମା' ସେ ଦୁଇଜଣଙ୍କୁ ଘରକୁ ଡାକିନେଇ ଖୁଆଇ ଦିଅନ୍ତି ତାଙ୍କ ଗରମ ଗରମ ହାତରନ୍ଧା। ସେତେବେଳେ ସିପ୍ରାକୁ କାହିଁକି କେଜାଣି ନିଜ ଘରଠୁ ସିଲୁ ଘରଟା ବେଶୀ ଭଲ ଲାଗୁଥିଲା। ତାକୁ ତା' ନିଜ ଘରକୁ ଯିବାକୁ ମନ ହୁଏନି। ତା'ର ଏହି ଗୁଣ ପାଇଁ ସେ ବହୁତ ଗାଳି ଶୁଣେ ତା' ନିଜ ମା'ଠୁ। ତାକୁ ଲାଗୁଥିଲା ସେ ସବୁବେଳେ ରହିଯାନ୍ତା କି ସିଲୁ ପାଖରେ।

ହେଲେ ସେ ସୁଖର ସମୟ ଅଳ୍ପଦିନ ପରେ ତା' ପାଖ ଛାଡ଼ିଗଲା, ଟ୍ରାନ୍ସଫର ଚାକିରିରେ ସିଲୁର ପରିବାର ଆଉ ବେଶୀ ସମୟ ସିପ୍ରାକୁ ସିଲୁ ସହ ବାନ୍ଧି ରଖିପାରିଲାନି। ଏବେ ଏତେଦିନ ପରେ ସିଲୁକୁ ଦେଖି ଅଧିକ ଆଦରର ସହ ଆଦରି ନେବା କଥା। ତା' ପାଇଁ ଏ ଉଦାସୀନତା କାହିଁକି? ସମୟ ସହ କ'ଣ ସମ୍ପର୍କ ବି ପାଣି ଫାଟିଯାଏ?

ବହୁତ ଦିନ ପରେ ହଠାତ୍ ସିଲୁର ପୁଣି ସିପ୍ରା ସହ ଯୋଡ଼ିହେବା ପାଇଁ ଏ ଚେଷ୍ଟା। ଔପଚାରିକତା ଛଳରେ ସିପ୍ରା ପଚାରିଲା, ‘‘ଆଉ ତୋର ଖବର କ'ଣ?’’

ସିଲୁ ଲେଖିବା ଆରମ୍ଭ କଲା, ‘‘ଭଲ ସବୁ, ମୋ ଦେଇ ତ ଆଉ ପାଠଶାଠ ହେଲାନି। ମୁଁ ଛୋଟ ଦୋକାନଟାଏ ଖୋଲି ଜୀବନ ଚଲାଇଛି। ବାପା ମା' ଚାଲିଗଲେଣି କୋଉଦିନୁ, ଯାହାହେଉ ଚିହ୍ନିପାରିଲୁ ତୁ ବଡ଼କଥା ଏଇଟା ମୋ ପାଇଁ।’’

ସିପ୍ରା ଖୁସିରେ ଚଉଡ଼ା ଅନୁଭବ କରୁଥିଲା। ଯାହାହେଉ ସେ ତା' ସାଙ୍ଗଠୁ ଢେର୍ ଉପରେ ଅଛି। ଦିଲ୍ଲୀ ଭଳି ସହର, ସଭ୍ୟ ପରିବେଶ, ସୁବିଧା ଆଧୁନିକ ଜୀବନ। ତା' ସାଙ୍ଗ ସିଲୁଠୁ ଢେର୍ ଉପରେ ତା'ର ଜୀବନଯାପନର ଶୈଳୀ। ସେ ବହୁତ ଆଗକୁ ଚାଲିଯାଇଛି ତା' ପିଲାଦିନ ସାଙ୍ଗକୁ ପଛରେ ପକେଇଦେଇ। ତା' ଭଳି ତାକୁ ତେଜରାତି ଦୋକାନରେ ବସି ହିସାବ କରିବାକୁ ପଡ଼େନି, ବରଂ ବଡ଼ ବଡ଼ କମ୍ପାନିର ହିସାବପତ୍ର ସେ ନିଜେ କମ୍ପ୍ୟୁଟର ସ୍କ୍ରିନ୍‌ରେ ଦୁଇ ମିନିଟ୍‌ରେ ରଖି ମୋଟା ଦରମା ନେଇଯାଏ ମାସ ଶେଷକୁ।

ସିଲୁ ଜାମା ପକେଟ୍‌ରୁ ଦୁଇଟା ଟିମାଟିମା ମିଠା ବରକୋଳି ଖାଇଲା ପରି ଲାଗିଲା ସିପ୍ରାକୁ ଏକଥା ଭାବିଲାବେଳକୁ। ସିଲୁ ତା' ସମାସ୍କନ୍ଧ ସାଙ୍ଗ ନୁହେଁ - ସିପ୍ରାର ମନ ଭିତରୁ କିଏ ତାକୁ ହଲେଇ କହିପକେଇଲା। କାହିଁକି ସେ ସିଲୁକୁ ସାଙ୍ଗକରି ପୁଣି ନିଜ ଷ୍ଟାଟସ୍‌କୁ ତଳେ ପକେଇଦେବ?

ମେସେଞ୍ଜରରେ ଲେଖିଦେଲା ସିଲୁକୁ-

‘‘ହଉ ଚାଲୁ ଯେମିତି ଚାଲୁଛି, ଭଲରେ ରହ। ରହୁଛି, ପରେ କଥାହେବା।’’

ହତୋତ୍ସାହ ଜୀବଟାଏ ପରି ସିଲୁର ଅଙ୍ଗୁଳି ଥପ୍‌କିନା ରହିଗଲା ଆଉ କିଛି ଲେଖିବାକୁ ଯାଉଥିବାବେଳେ। ଅନେଇ ରହିଲା ମୋବାଇଲ୍ ସ୍କ୍ରିନ୍‌କୁ, ସିପ୍ରାର ଫଟୋକୁ ଚାହିଁ। ପିଲାଦିନର ସିପ୍ରାକୁ ସେ ଖୋଜିଥିଲା ତା'ର ଡି.ପି. ଗୁଡ଼ିକରେ। ଗୋଟେ ଆଧୁନିକ ନାରୀର ଛାଇସବୁ ମିଳିତ ହୋଇ ସିଲୁ ଆଡ଼କୁ ଅନେଇ କହୁଥିଲେ କିଏ ମଣିଷ ଚିହ୍ନେ ଏଠି।

ସିପ୍ରା ଦିଲ୍ଲୀର ଘରୋଇ କମ୍ପାନିରେ ଚାକିରି କରେ। ତା' ପରି ଉଚ୍ଚଶିକ୍ଷିତା ଜଣେ ଝିଅର ବାନ୍ଧବୀ ହେବା ପାଇଁ କିଛି ତ ଗୋଟେ ଯୋଗ୍ୟତା ରହିବା ଦରକାର। ଜୀବନଶୈଳୀରେ ସାମଞ୍ଜସ୍ୟ, ଷ୍ଟାଟସ୍‌ର ତାଳମେଳ ରହିବା ଦରକାର। ସିପ୍ରାର ଜୀବନ ଯା' ଭିତରେ ବଦଳିଯାଇଛି ଅନେକ ରୂପରେ ପିଲାଦିନଠୁ। ସିପ୍ରା ଏମିତି କିଛି ବିଶ୍ୱାସକୁ ପାଳିପୋଷି ବଡ଼ କରିସାରିଛି ତା' ଭିତରେ। ସମୟ ବିତିଯାଇଥିଲେ ସୁଦ୍ଧା ସିଲୁକୁ ତା' ବନ୍ଧୁତ୍ୱର ପରିଧିକୁ ପାଛୋଟି ନେଇପାରି ନ ଥିଲା ସିପ୍ରା। ସିଲୁ ପାଖରେ ସିପ୍ରାକୁ ମୁଗ୍ଧ କଲା ଭଳି ଆଉ କିଛି ନ ଥିଲା, ଯାହା ତା'ର ଶହ ଶହ ଫେସ୍‌ବୁକ୍ ସାଙ୍ଗ ଭିତରେ ସେ ଦେଖିପାରୁଥିଲା, ତା' ସିଲୁ ପାଖରେ ନ ଥିଲା, ଚାକଚକ୍ୟ ଜୀବନର ଆକର୍ଷଣରେ ସେ ଆମୋଦିତ ହେଉଥିଲା। ସିଲୁ ପରି ଗୋଟେ ପିଲାଦିନର ସାଙ୍ଗ ତା' ପାଇଁ କେତେ ଗ୍ରହଣୀୟ ତା' ଜୀବନର ଏହି ପର୍ଯ୍ୟାୟରେ। ସିଲୁ ବିଚ୍ଛେଦରେ ତମାମ ଦିନ କାନ୍ଦି କାନ୍ଦି ବିତେଇଥିବା ସିପ୍ରା ଆଜି କ'ଣ ଫେସ୍‌ବୁକ୍‌ରେ ଶହ ଶହ ସାଙ୍ଗ ଭିତରେ ସିଲୁକୁ ପୁଣିଥରେ ପାଇବାକୁ ଚେଷ୍ଟା କରେନି। ଖୋଜେନି ତା' ପିଲାଦିନ ସାଙ୍ଗକୁ ତା' ବିତିଥିବା ଧୂଳିଧୂସରିତ ଅତୀତରୁ, ଆଧୁନିକ ଜୀବନକୁ ନେଇ ସେ ଏତେ ସମ୍ମୋହିତ ଯେ ଫେରି ଚାହେଁନି ସିଲୁର ଅମାୟିକ ମନ, ସରଳ ଚେହେରାକୁ।

ସିପ୍ରା ବଦଳିଯାଇଛି, ସିଲୁ ଭାବିଲା ସେଦିନ। ବଦଳିଯାଇଛି ଅନେକ କିଛି ସେମାନଙ୍କ ମଧ୍ୟରେ। ଦୁଇଟା ପୁରୁଣା ସମାନ ଛାଇ ଭିତରେ ଆଜି ଆକାଶ ପାତାଳର ଫରକ। ତା' ଜୀବନ ମୋ'ଠାରୁ ଉନ୍ନତ। ସେ ସାଙ୍ଗ ହୋଉଥିବା ବନ୍ଧୁମାନେ ସବୁ ସିପ୍ରା ଭଳି, ତା'ପରି ମଳିମୁଣ୍ଡିଆ ତେଜରାତି ଦୋକାନୀ ନୁହନ୍ତି। ସବୁ ପିଲାଦିନର ଆତ୍ମୀୟତା କ'ଣ କେତେଟା ବୟସ ପରେ ନିଜର ଯୋଗ୍ୟପଣିଆର ମାପକାଠି ଦେଇ ତଉଲିବାକୁ ପଡ଼େ? ମୋବାଇଲ୍‌ଟା ଟେବୁଲ୍ ଉପରେ ଥୋଇଦେଇ ପାଖରେ ପଡ଼ିଥିବା ଛାଇ ଆଡ଼କୁ ଚାହିଁଲା। ସତରେ କ'ଣ ସେମାନଙ୍କ ଛାଇ ଆଜି ଅଲଗା ଦିଶୁଛି!



**Binapani Pradhan** is a home maker staying in Kuala Lumpur with her husband Satyabrata Nayak and two kids. She is passionate about Odia literature. She publishes Odia poems and stories regularly. Her hobbies include dancing and painting.



# ମୋ ବୋଉର ହାଣ୍ଡିଶାଳରୁ

## କଦଳୀ ମଞ୍ଜା ଚିଙ୍ଗୁଡ଼ି ମହୁର

### ଆବଶ୍ୟକ ସାମଗ୍ରୀ:

**ପରିବା**

କଦଳୀ ମଞ୍ଜା ଛୋଟ ସାଇଜ ୨ଟା
କଞ୍ଚାକଦଳୀ ୧
ବାଇଗଣ ୧
ଆଳୁ ୧
କଖାରୁ ଅଳ୍ପ
ସାରୁ ୨ଟା
ଟମାଟର ୧ ବଡ଼

**ମସଲା**

ପିଆଜ, ଅଦା, ରସୁଣ, ସୋରିଷ, କଞ୍ଚାଲଙ୍କା, ଧନିଆପତ୍ର
ଗୁଣ୍ଡ ମସଲା (ସ୍ୱାଦାନୁସାରେ)
ହଳଦୀଗୁଣ୍ଡ, ଲୁଣ, ଲଙ୍କାଗୁଣ୍ଡ, ଗରମ ମସଲା, ତେଜପତ୍ର, ଗରମ ମସଲା, ଅଧାଚାମଚ, ଫୁଟଣ ୧ ଛୋଟ ଚାମଚ

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ମଞ୍ଜାକୁ ଛୋଟ ଛୋଟ କାଟି ତାକୁ ଲୁଣ ଆଉ ହଳଦୀ ଗୋଳାଇ ଅଲଗା ଅଧଘଣ୍ଟା ଅଲଗା ରଖିନେବେ, ଅନ୍ୟ ପରିବାକୁ ଛୋଟ ଛୋଟ କାଟି ଦହି ନେବେ। ଅଧଘଣ୍ଟା ପରେ ମଞ୍ଜାକୁ ଚିପୁଡ଼ି ନେଇ ତା'ର କଷାପାଣି ବାହାର କରି ଆଉ ଥରେ ଧୋଇନେବେ। ପୁଣି ଚିପୁଡ଼ି ରଖିନେବେ। ମସଲା ସବୁକୁ ବାଟିନେବେ। ଏଥର କଡ଼େଇରେ ଦୁଇ ଚାମଚ ରିଫାଇନ୍ ତେଲ ପକେଇ ପ୍ରଥମେ ମଞ୍ଜାକୁ ଟିକେ ଭାଜିବେ, ତା'ପରେ ତାକୁ କାଢ଼ିନେବେ। ଆଉ ଦୁଇ ଚାମଚ ତେଲ ପକେଇ ବାକି ପରିବାକୁ ଟିକେ ଭାଜିବେ।

ସବୁ ପରିବାକୁ କାଢ଼ି ଅଲଗା ରଖିବେ। ଶେଷକୁ ଚିଙ୍ଗୁଡ଼ିରେ ଲୁଣ ହଳଦୀ ଦେଇ ଭାଜିନେବେ। କଡ଼େଇରେ ଆଉ ଦୁଇ ଚାମଚ ତେଲ ପକେଇ ସେଥିରେ ଫୁଟଣ ପକେଇ ତେଜପତ୍ର ପକେଇବେ। ତା'ପରେ ଆଗରୁ ବଟାଯାଇଥିବା ମସଲା ଆଉ କଟା ଟମାଟର ପକାଇବେ। ତା'ପରେ ଆମର ହଳଦୀ, ଲଙ୍କାଗୁଣ୍ଡ ଆଉ ସ୍ୱାଦ ଅନୁସାରେ ଲୁଣ ପକାଇ ତାକୁ ଟିକେ ସମୟ ଅଳ୍ପ ଆଞ୍ଚରେ ଭାଜିବେ। ତା'ପରେ ଅଳ୍ପ ପାଣିଦେଇ ମସଲାକୁ ତେଲ ବାହାରିବା ଯାଏଁ କଷିବେ। ତା'ପରେ ସବୁ ପରିବା ପକାଇ ଦଶ ମିନିଟ୍ କଷିଦେବେ। ଏଥର ଟିକେ ଆଞ୍ଚ କମ୍ କରି ଚିଙ୍ଗୁଡ଼ି ପକାଇ ଅଳ୍ପ ପାଣି ପକାଇ ଘୋଡ଼େଇ ଦିଅନ୍ତୁ। ସବୁ ପରିବା ସିଝିଗଲା ପରେ ଧନିଆପତ୍ର ଆଉ ଗରମ ମସଲା ପକାଇ ତାକୁ ଓହ୍ଲାଇଦେବେ। ତା'ପରେ ପଖାଳ ସହ କିମ୍ବା ଗରମ ଭାତ ସହ ପରଷନ୍ତୁ।

**Nisha Das** is a home maker staying in Kuala Lumpur with her husband Sanjay Das and two Kids. She is associated with many charity and social activities in India. She likes reading books and cooking.





**ସାମଗ୍ରୀ:**

ଗୋଟିଏ ମଝି ସାଇଜର ଲାଉ
ଦୁଇ ଚାମଚ ସୋରିଷ
୭/୮ କୋଲା ରସୁଣ
ସ୍ୱାଦାନୁସାରେ ଲୁଣ
୪ରୁ ୫ଟା ଲଙ୍କା
କିଛି ନଡ଼ିଆକୋରା
କିଛି ବଡ଼ି
ହଳଦୀଗୁଣ୍ଡ

# ଲାଉ ରାଇ

**ପ୍ରସ୍ତୁତି ପ୍ରଣାଳୀ:**

ପ୍ରଥମେ ଲାଉକୁ ଚୋପା ଛଡ଼େଇ ଛୋଟ ଛୋଟ କାଟିନେବେ। ସୋରିଷ, ରସୁଣ, କଞ୍ଚାଲଙ୍କାକୁ ଏକାଠି ବାଟିନେବା। ଚୁଲିରେ ଗୋଟେ କଡ଼େଇ ବସେଇ ୩ରୁ ୪ ଚାମଚ ସୋରିଷତେଲ ଦେଇ ପ୍ରଥମେ ବଡ଼ିକୁ ଭାଜିନେବା। ଅବଶିଷ୍ଟ ତେଲରେ ଗୋଟେ ଲଙ୍କା ଫୁଟଣ ପକେଇ ଫୁଟାଇବା ପରେ ସେଥିରେ ଲାଉ, ସୋରିଷବଟା, ଲୁଣ, ହଳଦୀ ଦେଇ ଘୋଡ଼େଇ ବସେଇଦେବା। ପାଣି ଅଳ୍ପ ଦେବା। କାରଣ ଲାଉରୁ ପାଣି ବାହାରିଥାଏ। ଲାଉ ଟିକେ ସିଝି ଆସିବା ପରେ ସେଥିରେ ନଡ଼ିଆକୋରା ଓ ବଡ଼ି ପକେଇଦେବା। ସବୁକୁ ମିଶେଇଦେଇ ଆଉ ଦୁଇ ମିନିଟ୍ ଚୁଲିରେ ବସେଇଦେବା। ତା'ପରେ ଚୁଲିରୁ ଓହ୍ଲେଇନେବା।



**Simantini Nanda** is a home maker staying in Kuala Lumpur with her husband Ekamra Mohapatra. She likes cooking and writing Odia Poems and Stories.

# ସୁଜିକେକ୍



ଆମେ ଏବେ ଶିଖିବା ସୁଜିକେକ୍ ପ୍ରେସରକୁକରରେ ତିଆରି, ବିନା ଅଣ୍ଡା।

**ଆବଶ୍ୟକ ସାମଗ୍ରୀ:**

ସୁଜି- ୧.୫ କପ୍
କ୍ଷୀର- ୧ କପ୍
ଦହି- ୧ କପ୍
ଚିନି ପାଉଡର- ୧\୨
ରିଫାଇନ୍ ତେଲ- ୧\୨
ବେକିଙ୍ଗ୍ ପାଉଡର- ୧ ଚାମଚ
ବେକିଙ୍ଗସୋଡା- ୧ ଚାମଚ
ଭାନିଲାଏସେନ୍ସ- ୧ ଚାମଚ

**କେମିତି ବନେଇବେ:**

ପ୍ରଥମେ ଗୋଟେ ପାତ୍ରରେ ସୁଜି ନେବା। ସୁଜିରେ କ୍ଷୀର ଆଉ ଦହି ମିଶାଇ କିଛି ସମୟ ରଖିବା, ତା'ପରେ ସବୁ ଜିନିଷ ମିଶାଇଦବା। କ୍ଷୀର ଆବଶ୍ୟକ ହେଲେ ପଛରେ ମିଶାଇପାରିବେ। ତା'ପରେ ଗ୍ୟାସ୍ ଉପରେ ତାଉଆ ରଖିବା। ତା' ଉପରେ କୁକର ରଖିବା। କୁକରରେ ତେଲ ଲଗାଇ ମଇଦା ପକାଇବା। ତା'ପରେ ସୁଜି ମିଶ୍ରଣକୁ କୁକୁରରେ ଢାଳିଦେବା। ତା'ପରେ କୁକର ଘୋଡ଼ଣୀର ହୁଇସିଲ୍ ଆଉ ରବର କାଢ଼ି ଢାଙ୍କୁଣୀ ଦେଇଦେବା। ତା'ପରେ ୧୫ରୁ ୨୦ ମିନିଟ୍ ଭିତରେ କେକ୍ ପ୍ରସ୍ତୁତ ହେଇଯାଇଥିବ।



**Madhusmita Mohapatra** is a home maker staying in Kuala Lumpur with her husband Dipak Mohapatra and Son Aurodeep. She is a very good cook and likes experimenting with different delicacies.



Quality Food In Your Neighborhood
TasteBud
Authentic Indian Restaurant
* Catering * Party Hall *
* Private Dining *
* Meeting/Conference *
* Office Lunch Pack *
ଓଡ଼ିଆ ଖାଇବାର ମହକ
What Our Guests Say | Guest Reviews
Apr 21,2018 by Arseny Dugin ★★★★★ Probably, best Indian restaurant in KL. Very Clean, cozy and affordable prices. Highly recommend.
April 18,2018 by Ng Kok Liong ★★★★★ Find the food here to be exceptionally good! The hospitality of Mr Manik make us feel at home! Two thumbs up!!
Jan 01,2017 by Sugu Subramaniam ★★★★★ Great service and friendly environment with variety of food selection....Well done ....first visit but will not be my last ...thumbs up for their service !
Mar 04,2018 by Debasish Mandal ★★★★★ I loved the taste and ambience. Though not a big one but cozy....they have right mix of veg and non veg selection.
Jan 03,2017 by Goh Chee Seng ★★★★★ Food ordered was mutton biryani and it has excellent taste. Service was good and friendly with homely feel. Prices are reasonable too and most importantly the restaurant is clean. Enjoyed my time there.
Dec 13,2016 by Thomas van Ham ★★★★★ Had a lovely dinner at Tastebud as always, price is good, food and service are even better !
Sept 11,2016 by Puvaneswari Narayanasamy ★★★★★ Highly recommended for those who have high expectation of Indian Cuisine (Veg & Non-Veg). TasteBud certainly met my taste bud. 1 word...Perfect
Sept 12,2016 by Elangovan Davin ★★★★ Medium sized restaurant, serves tasty food with good customer service. Apart from car parking, the rest were all good.
013 525 9000 www.tastebud.com.my
No 834, Jalan Sentul Kuala Lumpur 51000
Search Google Map or Waze "TasteBud Sentul"




STAY DIGITALLY AHEAD WITH US